### ମଣପ୍ପୁରମ ଫାଇନାନ୍ସରୁ ଡକାୟତି ଘଟଣା

# ରିମାଣ୍ଡ ଶେଷ, ସୁନା ପାଉନି ପୁଲିସ

**ସମ୍ବଲପୁର, ୨୦ା୧(ସମିସ)**

ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ୍ ସମ୍ବଲପୁର ଶାଖରୁ ଲୁଟ୍ ଘଟଣାକୁ ୧୭ ଦିନ ବିତି ଗଲାଣି। କେବଳ ୨ ଜଣଙ୍କୁ ଗିରଫ କରିଛି। ଅଜୟ ପାଶୱାନ ଓ ପଙ୍କଜ ପାଶୱାନଙ୍କୁ ଗରିଫ କରି ଗତ ଶୁକ୍ରବାର ରିମାଣ୍ଡରେ ନେଇଥିଲା। ୩ ଦିନିଆ ରିମାଣ୍ଡ ଅବଧି ଶେଷ ହୋଇଛି। ରିମାଣ୍ଡ ପରେ ଗୋଟାଏ ବନ୍ଧୁକ ଓ ୫ଟି ଜୀବନ୍ତ ଗୁଳି ଜବତ କରିଛି। ହେଲେ ସୁନା ପାଇନି ପୁଲିସ। ଜିଲ୍ଲାର ଶ୍ରେଷ୍ଠ ପୁଲିସ ଗ୍ୟାଙ୍ଗ ଧରିବାକୁ ବିହାରରେ ଡେରା ପକାଇଥିଲେ। ହେଲେ ଜଣଙ୍କୁ ହେଲେ ଗିରଫ କରି ପାରିଲେନି। ଏ ଘଟଣାର ମାଷ୍ଟର ମାଇଣ୍ଡ ଜେଲ୍‌ରେ ଥିବା ସୁବୋଧ ସିଂହ ଗ୍ୟାଙ୍ଗ ସମ୍ବଲପୁର ପୁଲିସର ହୋସ ଉଡ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ନିୟମିତ ଭିନ୍ନ ଭିନ୍ନ ସ୍ଥାନରେ ଲୁଟ୍ କରୁଥିଲା ଏହି ଗ୍ୟାଙ୍ଗ। ଲୁଟ୍ ସୁନାକୁ ବିଦେଶରେ ବିକି ହାବାଲାରେ ଟଙ୍କା ନେଉଥିଲେ। ପୁଲିସ ଗୋଟିଏ ପରେ ଗୋଟିଏ ପ୍ରମାଣ ପାଉଥିଲେ ବି ମୂଳ ପାଖରେ ପହଞ୍ଚିପାରୁନି। ଏହି ଗ୍ୟାଙ୍ଗରେ ୭୦ରୁ ଅଧିକ ଲୁଟେରା ସାମିଲ ଅଛନ୍ତି। ତେଣୁ କେଉଁ ଲୁଟେରା କେଉଁ ମାମଲାରେ ଜଡ଼ିତ ତାକୁ ବୁଝିବାକୁ ପୁଲିସ୍ ନାକେଦମ ହେଲାଣି। ମାଷ୍ଟରମାଇଣ୍ଡ ସୁବୋଧ ସିଂହ ଜେଲରୁ ରହି ଏହି ଗ୍ୟାଙ୍ଗକୁ ଚଳାଉଛି। ଏହି ଗ୍ୟାଙ୍ଗରେ କି ୭୦ରୁ ଅଧିକ ସଦସ୍ୟ ଅଛନ୍ତି। ଯେଉଥିରେ ସୁନା ଚେନ୍ ଲୁଟେରାଙ୍କୁ ସାମିଲ କରାଯାଏ। ଚେନ୍ ଲୁଟ୍ କରି ଜେଲକୁ ଯିବା ପରେ ସେମାନଙ୍କ ଉପରେ ନଜର ରଖାଯାଏ। କିଛି ବଡ଼ କରିବାକୁ କହି ସେମାନଙ୍କୁ ପ୍ରୋତ୍ସାହିତ କରାଯାଏ। ସେମାନେ ଏଥିରେ ହଁ ଭରିବା ପରେ ସେମାନଙ୍କୁ ଗ୍ୟାଙ୍ଗରେ ସାମିଲ କରାଯାଏ। ସାମିଲ ହେଉଥିବା ସବୁ ଲୁଟେରାଙ୍କୁ ଅନ୍ୟ ଲୁଟେରା ସହ ପରିଚିତ କରାଯାଏ ନାହିଁ। ଟାସ୍କ ଅନୁସାରେ ସେମାନଙ୍କୁ ଜାଗା ଓ ଗହଣା ଲୁଟ୍ ସ୍ଥାନକୁ ପଠାଇ ଦିଆଯାଏ। ସେଠାରେ ସମସ୍ତେ ଏକାଠି ହୋଇ ଏହି କାଣ୍ଡ କରନ୍ତି। କାହାସହ କାହାର ସମ୍ପର୍କ ରହି ନ ଥାଏ। ମୁଖ୍ୟ କଥା କେହି ମୋବାଇଲ ବ୍ୟବହାର କରି ନ ଥାନ୍ତି। ଫଳରେ ପୁଲିସ ପାଖରେ ପ୍ରମାଣ ଥାଇ ମଧ କାହା ପାଖରେ ପହଞ୍ଚି ପାରୁନି। ସବୁଠୁ ଅଧିକ ଆଶ୍ଚର୍ଯ୍ୟ କରିଛି ଲୁଟ୍‌କୁ ନେଇ ପୂର୍ବରୁ ହେଉଥିବା ପ୍ଲାନ୍। ପ୍ଲାନ୍ ହେବା ପୂର୍ବରୁ କୌଣସି ଲୁଟେରା ପରସ୍ପରର ପରିଚୟ ଜାଣନ୍ତି ନାହିଁ। ସମସ୍ତେ କେବଳ ଲୁଟ୍ ପୂର୍ବରୁ ଏକାଠି ହୁଅନ୍ତି। ସମସ୍ତଙ୍କୁ ଦିଆଯାଇଥିବା ପ୍ଲାନିଂ ଅନୁସାରେ ଲୁଟ୍ କରି ଘଟଣାସ୍ଥଳରୁ ଫେରାର ମାରନ୍ତି।

**ସୁବୋଧ ଗ୍ୟାଙ୍ଗ ପାଖ ମାଡ଼ି ପାରିଲାନି**

**ବିହାରରୁ ଫେରିଆସିଲା ଟିମ୍**

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମାନ



**ସମ୍ବଲପୁର, ୨୦ା୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସାହିତ୍ୟ ତତ୍ତ୍ୱ ବିଷୟରେ ଏକ ଜାତୀୟ ସମ୍ମାନର ଉଦ୍‌ଘାଟନୀ ସମାରୋହ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଅଧକ୍ଷ ପ୍ରଫେସର ତୁଷାର କାନ୍ତି ଦାସ ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରଖ୍ୟାତ ନାଟ୍ୟକାର ଓ ସମାଲୋଚକ ପ୍ରଫେସର ନାରାୟଣ ସାହୁ ଓ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ସାହିତ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟତତ୍ତ୍ୱର ପ୍ରୟୋଗ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସ୍ୱାଗତ କରିଥିଲେ ଅଧାପିକା ଡ. ସବିତାବାଲା ନାୟକ। ଡକ୍ଟର ନାକୁ ହାଁସଦା ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଡ. ଶୁକମୁନି ମେହେର। ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଗୋପୀନାଥ ବାଗ। ପ୍ରବନ୍ଧ ପାଠ କରିଥିଲେ ଅଧାପିକା ଅମିତା ମେହେର, ଅଧାପିକା ଶ୍ରଦ୍ଧାମୟୀ ପୁରୋହିତ, ଅଧାପିକା ସୁଶ୍ରୀ ପାଢ଼ୀ, ଅଧାପକ ରାକେଶ ବିଶି, ଅଧାପିକା ସୁନୀତି ଦେବତା, ଅଧାପକ ଭରଦ୍ୱାଜ ସାହୁ। ଦ୍ୱିତୀୟ ଅଧିବେଶନରେ ଡ. ଗୋପୀନାଥ ବାଗ ସଭାକୁ ପରିଚାଳନା କରିଥିଲେ ଓ ଅଧାପକ ହିମାଂଶୁ ମହାକୁଡ଼, ଅଧାପକ ଯୋଗେନ୍ଦ୍ର ମେହେର, ଅଧାପିକା ଚିନ୍ମୟୀ ବାବୁ, ଗବେଷକ ଡୋଳାମଣି ମାଝୀ ଏବଂ ଗବେଷିକା କୁନମୁନ ସାହୁ ନିଜ ରଚିତ ସାହିତ୍ୟ ତତ୍ତ୍ୱ ସମ୍ପର୍କିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଗୋପୀନାଥ ବାଗ ଓ ଡ. ଶୁକମୁନି ମେହେର ମାନପତ୍ର ପ୍ରଦାନ କରିଥିଲେ।

## ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀଙ୍କୁ ସାକ୍ଷାତ

**ସମ୍ବଲପୁର, ୨୦ା୧(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ବଲପୁର ଜିଲ୍ଲା ଶାଖା ତରଫରୁ ବବୃବାହନ ଭୋଇଙ୍କ ନେତୃତ୍ୱରେ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ ସେବଶ୍ରୀ ଭୋଇଙ୍କୁ ସାକ୍ଷାତକରିଛନ୍ତି। ଏହା ସହ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରକାରର ଶିକ୍ଷକମାନଙ୍କ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲ୍ଲା ସମ୍ପାଦକ ଝରଣା ହରିପାଳ, ରାଜ୍ୟ ସଂଗଠକ ସମ୍ପାଦକ ମହେଶ୍ୱର ସାହୁ, ଜୟନ୍ତୀ ଦେବତା, ରଞ୍ଜିତା ସେଠ, ସିଆରସିସି ବିରସ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ।



## ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ

**ସମ୍ବଲପୁର, ୨୦ା୧(ସମିସ):** ଅଇଁଠାପାଲି ଥାନା ଦାନୀପାଲିରେ ଜଣେ ଯୁବକଙ୍କୁ ମଦ ବୋତଲରେ ଜଣେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ରାଜୀବ କୁମାର ନାମକ ଜଣେ ଯୁବକ ଘରକୁ ଫେରୁଥିବା ସମୟରେ ଜଣେ ଯୁବକ ହଠାତ ପଛରୁ ବୋତଲରେ ଆକ୍ରମଣ କରିଥିଲେ। ତେବେ ଏକ କାଚ ମଧ୍ୟ ତାଙ୍କ ପିଠି ଭିତରେ ରହି ଯାଇଥିବା ଡାକ୍ତର କହିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରେ ଜଣେ ଏ କାଣ୍ଡ ଘଟାଇଥିବା ଥାନା ଅଧିକାରୀ କହିଛନ୍ତି।

## ମାନେଶ୍ୱର ହାଇସ୍କୁଲର ୧୯୯୪ ବ୍ୟାଚ୍‌ର ବନ୍ଧୁ ମିଳନ



**ସମ୍ବଲପୁର, ୨୦ା୧(ସମିସ):** ମାନେଶ୍ୱର ହାଇସ୍କୁଲ ୧୯୯୪ ମ୍ୟାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ୧୯୭୩ ମସିହାରେ ସ୍ଥାପିତ ମାନେଶ୍ୱର ହାଇସ୍କୁଲ ବର୍ତ୍ତମାନ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି। ଆଜି ବି ଅନେକ ଗୁଡ଼ିଏ ସମସ୍ୟା ରହିଛି। ଆଗମୀ ଦିନରେ ଉକ୍ତ ସମସ୍ୟା ଗୁଡ଼ିକ ସମାଧାନ ପାଇଁ ଧ୍ୟାନ ଦେବା ସହିତ ଚେଷ୍ଟା ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ। ଭୂମିଦାନ କରିଥିବା ସମସ୍ତ ବ୍ୟକ୍ତିଙ୍କର ନାମ ତାଲିକା ବିଦ୍ୟାଳୟ ପରିସରରେ ସର୍ବ ସାଧାରଣ ସୂଚିତ ନିମିତ୍ତ ଲିପିବଦ୍ଧ କରି ଲଗାଇବା ପାଇଁ ମତ ପ୍ରକାଶ କରିଥିଲେ। ମାନେଶ୍ୱର ଅଞ୍ଚଳର ବରପୁତ୍ର ନିଳାଦ୍ରୀ ବିହାରୀ ପୁରୋହିତ, ଦ୍ୱାରିକା ପୂଝାରୀ, ବାମନ ଚନ୍ଦ୍ର ପ୍ରଧାନ, ନରସିଂହ ପ୍ରଧାନ, ନିତ୍ୟାନନ୍ଦ ପଟ୍ଟନାୟକ ଓ ସୂର୍ଯ୍ୟ କୁମାର ପୁରୋହିତ ପ୍ରମୁଖଙ୍କ ସ୍ମୃତି ଚାରଣ କରିଥିଲେ।

## ରେଙ୍ଗାଲିରେ ଅଭିଯୋଗ ଶୁଣାଣି

**ସମ୍ବଲପୁର, ୨୦ା୧(ସମିସ):** ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୫୩ ଟି ଆବେଦନ ଗ୍ରହଣ କରାଯାଇ ଥିଲା। ଯେଉଁଥିରୁ ୪୪ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ, ୮ ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ୧୧ ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା। ରେଡକ୍ରସ ଅଧୀନରେ ସହାୟତା ପାଇଁ ୧ଟି ଆବେଦନ ପ୍ରାପ୍ତ ହୋଇଛି। ସୋମବାର ଜିଲ୍ଲାପାଳ ସମ୍ବଲପୁର ଜଣେ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ଏବଂ ୦୪ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ।

### ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍

## ଜିଲ୍ଲା ସ୍କୁଲ ଓ ଏମ୍‌ସିସି ବିଜୟୀ



**ସମ୍ବଲପୁର, ୨୦ା୧(ସମିସ):** ସିଏମ୍-ଅଣ୍ଡର ୧୫ ଇଣ୍ଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପର ପଞ୍ଚମ ଦିନରେ ରେଲ୍ ଷ୍ଟାଡିୟମରେ ଦୁଇଟି ଉତ୍ସାହଜନକ ମ୍ୟାଚ୍ ହୋଇଥିଲା। ବିଶେଷ ଅତିଥି ଭାବରେ ପ୍ରବୀଣ କୁମାର ସିଂହ ଦେଓ ଏବଂ ସୁଧୀର ରଞ୍ଜନ ବୋହିଦାର ଉପସ୍ଥିତ ଥିଲେ। ହୀରାକୁଦ୍ ଆଥଲେଟିକ୍ ଅସୋସିଏସନ୍ ଓ ସିଏସବି ଜିଲ୍ଲା ସ୍କୁଲ୍ ମଧ୍ୟ ପ୍ରଥମ ମ୍ୟାଚ ହୋଇଥିଲା। ସିଏସ୍‌ବି ଜିଲ୍ଲା ସ୍କୁଲ୍ ମୋଟ ୪ ଗୋଲ୍‌କରି ବିଜୟୀ ହୋଇଥିଲା। ଶୁଭମ ଲାମା ୨ଟି, ସଞ୍ଜୟ ମୁଣ୍ଡା ଓ ସୁରେଶ ଓରାମ ଗୋଟିଏ ଲେଖାଏଁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏମ୍‌ସିସି କ୍ଲବ୍ ଓ ଇଷ୍ଟକୋଷ୍ଟ ରେଲୱେ କ୍ଲବ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଏମସିସି କ୍ଲବ୍ ୨ ଗୋଲ ଦେଇ ବିଜୟ ହୋଇଥିଲା। ସେହିପରି ମହମ୍ମଦ ଫାରାନ ୨ ଟି ଗୋଲ ଦେଇଥିଲେ।

## ଜିଲ୍ଲା ବିଜେପି ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ

**ସମ୍ବଲପୁର, ୨୦ା୧(ସମିସ):** ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ପଦ ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ଆଜି ସ୍ଥାନୀୟ ସାଂସ୍କୃତିକ ସମାଜ ଭବନରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି। ନିକଟ ଅତୀତରେ ସମ୍ବଲପୁର ସାଂଗଠାନିକ ଜିଲ୍ଲାର ୨୭ଟି ମଣ୍ଡଳରୁ ୨୨ ଗୋଟି ମଣ୍ଡଳର ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧିଙ୍କ ନାମ ଘୋଷଣା ହୋଇଥିଲା। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ଏହି ୪୪ ଜଣ ଙ୍କ ମଧ୍ୟରୁ ହିଁ କେହି ନା କେହି ଜିଲ୍ଲା ସଭାପତି ଓ ରାଜ୍ୟ ପାରିଷଦ ସଦସ୍ୟଙ୍କ ନାମକୁ ପ୍ରସ୍ତାବକ ଭବେ ପ୍ରସ୍ତାବନା ଓ ସମର୍ଥକ ଭବେ ସମର୍ଥନ ଦେଇ ପାରିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ବିଜେପି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତ ସମ୍ବଲପୁର ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସହ ନିର୍ବାଚନୀ ଅଧିକାରୀ ବିଭୂତି ଭୂଷଣ ପଟେଲ ଓ ରାମଚନ୍ଦ୍ର ମେହେର ଆଜିର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପନ୍ନ କରିଛନ୍ତି। ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ଅନୁସାରେ ଆଜିର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାରେ ସୁଶିଲ କୁମାର କର, ନମ୍ରଶକାନ୍ତ ପଟ୍ଟନାୟକ୍, ଶମ୍ଭୁ ବରେଲିଆ, ସୁଶାନ୍ତ କୁମାର ପୁରୋହିତ, ପ୍ରମୁଖ ଜିଲ୍ଲା ସଭାପତି ପାଇଁ ଓ ସୂର୍ଯ୍ୟ କୁମାର ପ୍ରଧାନ, ବିଦ୍ୟାଧର ସୁନା, ରାଧେଶ୍ୟାମ ବାରିକ, ବିଭୂତି କଲ୍ୟାଣ ପଟେଲ, ଅନୀଲ କୁମାର ବେହେରା, ନିରଞ୍ଜନ କିଶୋର ଦାସ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ମିତ୍ରଭାନୁ ପ୍ରଧାନ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



## ଗଞ୍ଜେଇ ଜବତ; ଦୁଇ ଗିରଫ



**ରେଢ଼ାଖୋଲ, ୨୦ା୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲଇଣ୍ଡାମାଳ ଗ୍ରାମ ନିକଟ ଛକରେ ସୋମବାର ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ୬୦ କେଜି ଗଞ୍ଜେଇ ସହ ଏକ ବୋଲେରୋ ଜବତ ସହିତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଜାମଜୁରୀ ଗ୍ରାମର ଧ୍ରୁବ ଚରଣ ବେହେରା(୫୦) ଓ ବୌଦ୍ଧ ଜିଲ୍ଲା ଆମ୍ବଝୁରୀ ଗ୍ରାମ ବାସିନ୍ଦା ତ୍ରିନାଥ ପ୍ରଧାନ। ରେଢ଼ାଖୋଲ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ରେଢ଼ାଖୋଲ ବୌଦ୍ଧ ରାସ୍ତାର ଲଇଣ୍ଡାମାଳ ଗ୍ରାମ ଛକ ନିକଟରେ ଜଗି ରହିଥିବା ବେଳେ ବୌଦ୍ଧ ଜିଲ୍ଲା ପଟରୁ ଏକ ବୋଲେରୋ ଦୃତ ଗତିରେ ଆସୁଥିବା ଦେଖି ଚଢ଼ଉ କରିଥିଲେ। ଏଥିରେ ବୋଲେରୋରୁ ୬୦ କେଜି ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ, ଜବତ କରିବା ସହିତ ଉକ୍ତ ଦୁଇ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଦୃବଦଳ ବିଶ୍ୱାଳ, ଓଆଇସି କୀର୍ତ୍ତନ ନାଏକ, ଏଏସଆଇ ବିନୋଦିନୀ ବେହେରା, ଶାନ୍ତନୁ ବେହେରା, ଜଗନ୍ନାଥ ମୁଣ୍ଡା, ସୁଭାଷିନୀ ମାଝୀ ପ୍ରମୁଖ ସାମିଲ ରହିଥିଲେ।

### ପୁସ୍ତକମେଳାର ତୃତୀୟ ଦିବସ

## 'ବୈଜ୍ଞାନିକ ମନୋବୃତ୍ତିର ଉନ୍ମେଷ' ଉପରେ ଆଲୋଚନା

**ସମ୍ବଲପୁର, ୨୦ା୧(ସମିସ):** ଆୟୋଜିତ ପୁସ୍ତକମେଳା ତୃତୀୟ ଦିବସରେ 'ବୈଜ୍ଞାନିକ ମନୋବୃତ୍ତିର ଉନ୍ମେଷ' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ସେତୁ'ର ସଭାପତି ପ୍ର. ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଆଲୋଚକ ପ୍ର. ରବୀନ୍ଦ୍ରନାଥ ମିଶ୍ର କହିଥିଲେ, ଆମେ ସମସ୍ତେ ସତ୍ୟର ସନ୍ଧାନ କରୁଛେ, ଏହା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମେ ଯେ କୌଣସି ସ୍ତରକୁ ଦେଖିଲେ ଆମେ ସେଠାରେ ବୈଜ୍ଞାନିକ ଅନୁଚିନ୍ତନର ସ୍ପର୍ଶ ଅବଶ୍ୟ ପାଇଥାଉ। ଆମେ ସବୁ ବୈଜ୍ଞାନିକ ପରୀକ୍ଷଣରେ ସଫଳ ହେବା ବୋଲି ଧରି ନନେଇ ଏଥିରେ ସମ୍ଭାବ୍ୟ ବିପଦ ପ୍ରତି ମଧ୍ୟ ସଚେତନ ହେବା ଉଚିତ। ପ୍ର.ପ୍ରସନ୍ନ କୁମାର ମିଶ୍ର ମଣିଷକୁ ଏକ ବୈଜ୍ଞାନିକ ପ୍ରାଣୀ ଭାବରେ ଅବିହିତ କରି କହିଥିଲେ ଯେ ବିଜ୍ଞାନ ବିନା ମଣିଷ ବଞ୍ଚିବା ଅସମ୍ଭବ। ଅତିଥି ଭିସୁଟର କୁଳପତି ପ୍ର. ବିଭୂତିଭୂଷଣ ପତି କହିଥିଲେ ଯେ, ଆମ ଅଞ୍ଚଳର ସାତ ଆଠଟି ବଡ଼ବଡ଼ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଅଛି। ମୁଖ୍ୟ ଅତିଥି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଥିଲେ ଯେ, ସମ୍ପ୍ରତି ଆମେ କୃଷି କ୍ଷେତ୍ରରେ ଅନେକ ବିଜ୍ଞାନର ପ୍ରୟୋଗ କରି ଲାଭବାନ ହେଉଛୁ। ଜ୍ୟୋତିଷ ବିଦ୍ୟା ମଧ୍ୟ ବିଜ୍ଞାନ ଆଧାରିତ। ସତ୍ୟର ସନ୍ଧାନରେ ବିଜ୍ଞାନ ନିଶ୍ଚିତ ଭାବରେ ଏକ ଶକ୍ତିଶାଳୀ ଅସ୍ତ୍ର ଅଟେ। ସଭାରେ କବି ପ୍ରସନ୍ନ କୁମାର ମିଶ୍ରଙ୍କ ଦୁଇଟି କବିତା ପୁସ୍ତକ 'ଗାଁଧୂଳି' ଓ 'ମଧୁବିନ୍ଦୁ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେତୁର ସଦସ୍ୟ ଡ. ସ୍ୱୟଂ ପ୍ରକାଶ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସେତୁର ସହସମ୍ପାଦକ ଡ. ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାର୍ଣ୍ଣ ପଣ୍ଡା, ଅନନ୍ୟା ବେହେରା, ଜୟକୃଷ୍ଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କବାଟ ଭାଙ୍ଗି ଚୋରି ଅଭିଯୋଗ

**ବୁର୍ଲା, ୨୦ା୧(ସମିସ):** ବୁର୍ଲା ଥାନା ଝରେଇପାଲିରେ ଘର କବାଟ ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଝରେଇପାଲି ବାସିନ୍ଦା ଜୟପ୍ରଭା ପଟ୍ଟନାୟକ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଜୟପ୍ରଭା ପରିବାର ସହ ପାଇକମାଲ ଅଞ୍ଚଳକୁ ବନ୍ଧୁ ପରିଜନଙ୍କ ବାହାଘରରେ ଯୋଗ ଦେବାକୁ ଯାଇଥିଲେ। ତେବେ ସକାଳୁ ତାଙ୍କ ଗେଟ୍ ସମ୍ମୁଖରେ ଲୁହା ସାମଗ୍ରୀ ପଡ଼ିଥିବା ଜାଣିବାକୁ ପାଇଥିଲେ। ତେବେ ଖବର ପାଇ ସେ ବୁର୍ଲା ଥାନାକୁ ଯୋଗାଯୋଗ କରିଥିଲେ। ବାହାଘରରୁ ଫେରି ଦେଖିବା ବେଳକୁ ଆଲମିରା ଭିତରୁ ସୁନା ଅଳଙ୍କାର ଓ ପାଖାପାଖି ୨୦ ହଜାର ଟଙ୍କା ଚୋରି ହୋଇଥିବା ସେ ଜାଣିବାକୁ ପାଇଲେ। ଏନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି

## ସହଯୋଗର ହାତ ବଢ଼ାଇଲା 'ସ୍ୱଇଚ୍ଛା'



**ସମ୍ବଲପୁର, ୨୦ା୧(ସମିସ):** ସ୍ୱେଚ୍ଛାସେବୀ ସଂଗଠନ 'ସ୍ୱଇଚ୍ଛା' ଜଣେ କର୍କଟ ରୋଗୀଙ୍କୁ ସହଯୋଗର ହାତ ବଢ଼ାଇଛି। ଯୁଯୁମୁରା ବ୍ଲକ ଅଧୀନ ଛାମୁଣ୍ଡା ପଞ୍ଚାୟତର ଧୀର ଧରୁଆଙ୍କୁ 'ସ୍ୱଇଚ୍ଛା' ସ୍ୱେଚ୍ଛାସେବୀଙ୍କ ସହାୟତାରେ ଚିକିତ୍ସା ପାଇଁ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲକୁ ପଠାଯାଇଛି। ଧୀର ପେଟ ଜନିତ କର୍କଟ ରୋଗରେ ପୀଡ଼ିତ ହୋଇ ବୁର୍ଲାରେ ଚିକିତ୍ସା ହେଉଥିଲେ। ଉତ୍ତମ ଚିକିତ୍ସା ଲାଗି କଟକ ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଅର୍ଥ ଅଭାବ ଯୋଗୁଁ କଟକ ଯିବା ପାଇଁ ଅସମର୍ଥ ଥିଲେ। ଅନୁଷ୍ଠାନ ସମସ୍ତ ଖର୍ଚ୍ଚ ଯଥା ରହିବା ଖାଇବା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇଛି। ଏଥିରେ ସ୍ୱାଗତ ମିଶ୍ର, ଅଭିନନ୍ଦନ ତ୍ରିପାଠୀ, ଆତିଶ ମିଶ୍ର, ସୁକାନ୍ତ ପଣ୍ଡା, ଅଂଶୁମାନ ସରାଫ, ଦୀପକ ପାଣିଗ୍ରାହୀ, ଶତ୍ରୁଘ୍ନ ରାଉତ ଏବଂ ମନୋଜ ମହାନ୍ତି ପ୍ରମୁଖ ସହଯୋଗର ହାତ ବଢ଼ାଇଛନ୍ତି।

### ମହାନଗର ନିଗମର ଅଜବ ନୀତି

# ଅସମ୍ପୂର୍ଣ୍ଣ ମାର୍କେଟ କମ୍ପ୍ଲେକ୍ସକୁ ଯିବାକୁ ନୋଟିସ୍

**ସମ୍ବଲପୁର, ୨୦ା୧(ସମିସ)**

ଗୋଲବଜାରସ୍ଥିତ ଅସମ୍ପୂର୍ଣ୍ଣ ମାର୍କେଟ କମ୍ପେ୍ଲକ୍ସକୁ ତରବରିଆ ଭାବେ ଉଦ୍‌ଘାଟନ କରିଦିଆଗଲା। ସ୍ଥାନୀୟ ଦୋକାନୀଙ୍କ ସୁବିଧା ଦୃଷ୍ଟିରୁ ଏହା ନିର୍ମାଣ କରାଗଲା। ହେଲେ ବିଭିନ୍ନ ମୌଳିକ ସୁବିଧା ବ୍ୟବସ୍ଥା କରାଗଲା ନାହିଁ। ଏବେ ଏହି ଅସମ୍ପୂର୍ଣ୍ଣ କମ୍ପେ୍ଲକ୍ସକୁ ୮ଟି ଦୋକାନୀଙ୍କୁ ଯିବାକୁ ଏସ୍‌ଏମ୍‌ସି ନୋଟିସ କରିଛି। ଦୋକାନୀମାନେ ଏ କମ୍ପେ୍ଲକ୍ସକୁ ଯିବା ପାଇଁ ପ୍ରସ୍ତୁତ ରହିଛନ୍ତି, ହେଲେ ବିଦ୍ୟୁତ, ସୁରକ୍ଷା ସେବା ଭଳି ଅନେକ ସେବାର ଅଭାବ ରହିଛି। ୨୩ ତାରିଖ ଭିତରେ ନୂତନ ମାର୍କେଟ କମ୍ପେ୍ଲକ୍ସକୁ ଯିବା ପାଇଁ ଏସଏମ୍‌ସି ନିର୍ଦ୍ଦେଶ ଦେଇଛି। ନ ହେଲେ ସମସ୍ତ ଦୋକାନ ଭାଙ୍ଗିବ ବୋଲି କୁହାଯାଇଛି। ସୂଚନା ଅନୁସାରେ ସମ୍ବଲପୁରର ପ୍ରମୁଖ ବ୍ୟବସାୟ ସ୍ଥଳ ଗୋଲବଜାରରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଅଗ୍ନିକାଣ୍ଡ ସମୟରେ ପ୍ରଭାବିତ ହୋଇଥିବା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ନୂତନ ମାର୍କେଟ କୋଠା ନିର୍ମାଣ କରାଗଲା। ତେବେ ତାହା ଅଧାଅପନ୍ତରିଆ ହୋଇଥିବା ସତ୍ତ୍ୱେ ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା କରାଗଲା ନାହି। ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସର ପାର୍କିଂ ଜଳମଗ୍ନ ହୋଇ ପଡ଼ିଛି। ଭିତରେ କୌଣସି ପ୍ରକାରର ବ୍ୟବସ୍ଥା ନ ଥିବା ସ୍ଥାନୀୟ ଦୋକାନୀମାନେ ଅଭିଯୋଗ କରିଛନ୍ତି। ଫଳରେ ନୂତନ କୋଠାକୁ କେହି ଯାଉନାହାନ୍ତି। ଏସ୍‌ଏମ୍‌ସି ଦୋକାନୀ ମାନଙ୍କୁ ଭିତରକୁ ଯିବାକୁ କହୁଥିବାବେଳେ ସେମାନେ ସମସ୍ୟା ସମାଧାନ ପାଇଁ ଦାବି କରୁଛନ୍ତି। କୋଠାର ସମସ୍ତ ଗୃହ ଦୋକାନୀଙ୍କୁ ବଣ୍ଟନ କରାଯାଇଛି। ଆବଶ୍ୟକ ସମସ୍ତ ସୁବିଧା ନ ଥିବା ସ୍ଥାନୀୟ ଦୋକାନୀମାନେ ଅଭିଯୋଗ କରିଛନ୍ତି। ଟ୍ରାନ୍ସଫର୍ମର ନ ଥିବାରୁ ଅନ୍ୟ ଦୋକାନରୁ ବିଦ୍ୟୁତ୍ ସଂଯୋଗ କରିବାକୁ ପଡ଼ିବ ଯାହା ବେଆଇନ ଅଟେ। ମୁଖ୍ୟତଃ କମ୍ପେ୍ଲକ୍ସରେ ଅଗ୍ନି ନିରାପତ୍ତା ନାହିଁ। ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡା ପାଲଟିଛି। ମାର୍କେଟର ସଫେଇ କଥା ନ କହିବା ଭଲ। ଏତେ ଅସୁବିଧାରେ କିପରି ଦୋକାନୀ ମାନେ ସ୍ଥାନାନ୍ତରିତ ହେବ ବୋଲି ପ୍ରଶ୍ନ କରିଛନ୍ତି। ଏସ୍‌ଏମ୍‌ସି କୌଣସି ସୁବିଧା ନ କରି ଦୋକାନୀମାନଙ୍କୁ ଚାପ ପକାଇ ସ୍ଥାନାନ୍ତରଣ କରିବାକୁ କହୁଛି। କିଛି ଦୋକାନୀ ଏସଏସସି କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବିଦ୍ୟୁତ ସେବା ଯୋଗାଇ ଦେବା ସହ ସାମଗ୍ରୀ ସ୍ଥାନାନ୍ତରଣ ପାଇଁ ସମୟ ଦିଆଯିବ ବୋଲି କହିଛନ୍ତି।

**ପାର୍କିଂସ୍ଥଳ ଜଳମଗ୍ନ, ବିଦ୍ୟୁତ୍, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ**

**ପରିତ୍ୟକ୍ତ କମ୍ପ୍ଲେକ୍ସରେ ନିଶାଖୋରଙ୍କ ଆଡ୍ଡା**

**ଉଦ୍‌ଘାଟନକୁ ପୂରିଲାଣି ୧୪ ମାସ**







# ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳିତ



**ବିଜେପୁର, ୨୦।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ବହ୍ନିକନ୍ୟା ପାର୍ବତୀ ଗିରି ଜୟନ୍ତୀ ପାଳିତ ହୋଇଯାଇଛି। ଟି.ଗଣ୍ଡପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ଉତ୍ସବକୁ ତହସିଲଦାର କର୍ଣ୍ଣ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସଭାପତି ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ରେଡିଏନ୍ସ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଅଜିତ କୁମାର ମେହେର, ହାଇସ୍କୁଲର ଚେୟାରମ୍ୟାନ ରୋହିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜେପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ଚିନ୍ମୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାର୍ବତୀ ଗୀରିଙ୍କ ଜୀବନ ଦର୍ଶନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ସୁଷମା ଭୋଇ ପ୍ରାରମ୍ଭିକ ସଂଗୀତ, ସଂପାଦକ ରାଜେଶ୍ୱର ବେହେରା ଉଦ୍ଦେଶ୍ୟ ଜ୍ଞାପନ ଓ ଉପସଭାପତି ହୃଦମଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମକରଧ୍ୱଜ ସାହୁ ସମାରୋହକୁ ସଂଯୋଜନା କରିଥିଲେ। ସାବିତ୍ରୀ ମେହେର, ମକରଧ୍ୱଜ ମେହେର, ଦିଲେଶ ମେହେର, ଶେଷଦେବ ମେହେର, ପୀତବାସ ମେହେର, ରୋଜାଲିନ ଦୀପ, ବିକ୍ରମ ସେଠ, ସନାତନ ସାହୁ, ଆର୍ତ୍ତତ୍ରାଣ ବେହେରା, ସୁଧୀର ଭୋଇ, ସଦାନନ୍ଦ ରଣା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ କବି ମକରଧ୍ୱଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଯୁବତୀ ଉଦ୍ଧାର ଘଟଣା

# ୯ ଦିନ ପରେ ୩ଜଣଙ୍କୁ ବାନ୍ଧିଲା ପୁଲିସ୍

- ବରଗଡ଼ ବିଧାୟକଙ୍କ ବିଜେଡି ଲିଙ୍କ୍ ଆକ୍ଷେପକୁ ଦେବେଶଙ୍କ ଦୃଢ଼ ନିନ୍ଦା
- ପୀଡ଼ିତାଙ୍କୁ ନ୍ୟାୟ ପରିବର୍ତ୍ତେ ରାଜନୀତି କରୁଛି ଶାସକ ଦଳ: ଦେବେଶ
- ବରଗଡ଼ ନାଗରିକ କମିଟିର ୧୨ ଘଣ୍ଟିଆ ଜିଲ୍ଲା ବନ୍ଦ ଆଜି

**ବରଗଡ଼, ୨୦।୧(ସମିସ):**

ଧନୁଯାତ୍ରା ଦେଖିବାକୁ ଆସି ଜଣେ ଯୁବତୀ ନିଖୋଜ ହେବା ଓ ୪୮ ଘଣ୍ଟା ପରେ ସ୍ଥାନୀୟ କୁର୍ଲା ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାର ୯ ଦିନ ପରେ ପୁଲିସ୍ ଆଜି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ସର୍ଜନ ତନସେନା, ପ୍ରହଲ୍ଲାଦ ଦାସ ଓ ଜୟକୃଷ୍ଣ ତନସେନା। ସର୍ଜନ ଓ ପ୍ରହଲ୍ଲାଦର ଘର ବିଜେପୁର ବ୍ଲକ୍ ପୁଟକା ଗାଁରେ ହୋଇଥିବା ବେଳେ ଜୟକୃଷ୍ଣ ପଦ୍ମପୁର ଉପଖଣ୍ଡ ଜଗଦଳପୁର ଡୁମାଭଟା ଗାଁର ବାସିନ୍ଦା। କିନ୍ତୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର୍ ରହିଛି। ତାକୁ ଫେରାର୍ କରିବାରେ ଗିରଫ ୩ ଅଭିଯୁକ୍ତଙ୍କ ହାତ ରହିଛି ବୋଲି ପୁଲିସ୍ କହିଛି।

ଅପରପକ୍ଷେ, ଏହାକୁ ନେଇ ଆଜି ବରଗଡ଼ରେ ରାଜନୀତି ସରଗରମ ହୋଇଛି। ଗିରଫ ସଜନ ଜଣେ ବିଜେପି କର୍ମୀ ଓ ମୁଖ୍ୟ ଅଭିଯୁକ୍ତ ତା' ପୁତୁରା ବୋଲି ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। କିନ୍ତୁ ଏଭଳି ଏକ ସ୍ପର୍ଶକାତର ଘଟଣାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ଓ ମିଥ୍ୟା ତଥ୍ୟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ଦେବେଶ ସମାଲୋଚନା କରିଛନ୍ତି। ପୀଡ଼ିତାଙ୍କୁ ସମବେଦନା ଓ ନ୍ୟାୟ ଦେବା ପରିବର୍ତ୍ତେ ବିଧାୟକ ଦୋଷୀକୁ ଘଣ୍ଟ ଘୋଡ଼ାଇ ଯେଉଁ ରାଜନୀତି କରୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି। ଦୋଷୀକୁ ଖସାଇବା ଓ ତଦନ୍ତକୁ ପ୍ରଭାବିତ କରିବା ପାଇଁ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଏପରି କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହାସହ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିଜେଡି ସରପଞ୍ଚଙ୍କ ସଂପର୍କୀୟ ବୋଲି ବିଧାୟକ ଶ୍ରୀ ଷଡ଼ଙ୍ଗୀ ଯେଉଁ ଦାବି କରିଛନ୍ତି, ତାହାକୁ ଦେବେଶ ଖଣ୍ଡନ କରିଛନ୍ତି।

ଅପରପକ୍ଷେ, ଏହି ଘଟଣାରେ ବରଗଡ଼ ନାଗରିକ କମିଟି ପକ୍ଷରୁ ଆସନ୍ତାକାଲି (ମଙ୍ଗଳବାର) ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ସମ୍ପୂର୍ଣ୍ଣ ବରଗଡ଼ ବନ୍ଦ ପାଇଁ ଡାକରା ଦିଆଯାଇଛି। ଏହି ବନ୍ଦକୁ ବରଗଡ଼ ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା ବରଗଡ଼ ବ୍ୟବସାୟିକ ସଙ୍ଘ, ବରଗଡ଼ ହାଟପଦା ପନିପରିବା ବ୍ୟବସାୟିକ ସଙ୍ଘ, ବରଗଡ଼ ଦୁର୍ଗାମନ୍ଦିର କମିଟି, ବରଗଡ଼ ଭୀମ ଆର୍ମି, ବରଗଡ଼ ଜିଲ୍ଲା ଖବରକାଗଜ ବିତରକ ସଂଘ, ସମତା ସୈନିକ ଦଳ, ଆମ୍ବେଦକର ଯୁବକ ସଙ୍ଘ, ସଂଯୁକ୍ତ କୃଷକ ସଂଗଠନ, ବରଗଡ଼, ଅଭିଭାବକ ମହାସଙ୍ଘ ବରଗଡ଼, ସମ୍ବିଧାନ ସୁରକ୍ଷା ମଞ୍ଚ ବରଗଡ଼, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ଏସି ଏସଟି ମିଳିତ ମଞ୍ଚ ବରଗଡ଼, କୋଶଳ ସେନା, ଭୂମିହୀନ ସଂଗ୍ରାମ ସମିତି, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ଜିଲ୍ଲା ସମାଜସେବୀ ସଙ୍ଘ, ବରଗଡ଼ ମୁସଲିମ ସମାଜ ସହିତ ରାଜନୈତିକ ଦଳମାନେ ସମର୍ଥନ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଆଇଜି ହିମାଂଶୁ ଲାଲ, ବରଗଡ଼ ଏସ୍ପି ପ୍ରହଲ୍ଲାଦ ମୀନା, ପଦ୍ମପୁର ଏସଡିପିଓ ଅମ୍ରିତ ପାଲ୍ କୌରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ କେତୋଟି ସ୍ୱତନ୍ତ୍ର ଟିମ୍ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରୁଛନ୍ତି। ଦିନେ ଦୁଇଦିନ ଭିତରେ ମୁଖ୍ୟ ଅଭିଯୁକ୍ତ ଧରାହେବ ବୋଲି ଆଜି ଆଇଜି ହିମାଂଶୁ ଲାଲ କହିଛନ୍ତି।

## ରେଙ୍ଗାଲି ଲୋକ ମହୋତ୍ସବ

# ବିମୋହିତ କଲା ସାଂସ୍କୃତିକ ନୃତ୍ୟ





**ରେଢ଼ାଖୋଲ, ୨୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ରେଙ୍ଗାଲି ପଞ୍ଚାୟତସ୍ଥିତ ଖେଳପଡ଼ିଆଠାରେ ରେଙ୍ଗାଲି ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଢୋଲ ଲିସାନ ତାସାର ତାଳେ ତାଳେ ବିଭିନ୍ନ ପାରମ୍ପାରିକ କଳା ସଂସ୍କୃତିକୁ ନେଇ ନେହରୁ ଯୁଥ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀ ନାରାୟଣ ଖୁଣ୍ଟିଲି ଓ ସମ୍ପାଦକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ରେଙ୍ଗାଲି ଲୋକ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ବିଜେଡି ସଭାପତି ଉଦିତ ତ୍ରିପାଠୀ, ରେଙ୍ଗାଲି ସରପଞ୍ଚ ସୁରେନ୍ଦ୍ର ଭୋଇ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ରେଢ଼ାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଝିଅ ତଥା ବିଜେପି ନାରୀ ନେତ୍ରୀ ଶୁଭଶ୍ରୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ସାହୁ ପ୍ରମୁଖ ମଞ୍ଚାସୀନ ରହି ସଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ମହୋତ୍ସବରେ ବଳବସପୁରର ଘୁଡୁକା ନୃତ୍ୟ, ରେଙ୍ଗଲିର ସମ୍ବଲପୁରୀ ନୃତ୍ୟ, କୋରାପୁଟର ଢେମସା ନୃତ୍ୟ, ବରଗଡ଼ର କଳଜିବିର ପଦ୍ମଶ୍ରୀ ଖଟେଇ ଏବଂ ସାଥୀ ଡାଲଖାଇ ଓ ରସରକେଲି ଅଂଶଗ୍ରହଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ ପାରମ୍ପାରିକ ଲୋକକଳା କଳାକାର ସହିତ ରେଙ୍ଗାଲି ଗ୍ରାମର ରାମଲୀଳା କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାଜରେ ଭାଇଚାରା ସୃଷ୍ଟି ହେବା ସହ ବିଶେଷ କରି ଲୁଚି ଯାଉଥିବା ବିଭିନ୍ନ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଏବଂ ମହୋତ୍ସବକୁ ଆହୁରି ମନଲୋଭା ତଥା ସୁନ୍ଦର କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ଉପରେ ସ୍ଥାନୀୟ ନେହୁରୁ ଯୁଥ କ୍ଲବର କର୍ମକର୍ତ୍ତା ସୁଜିତ୍ ସେଠୀ, ଦେବରାଜ ସେଠୀ, ଆଶିଷ ତ୍ରିପାଠୀ, ବିନୋଦ ସେଠୀ, ଆକାଶ ତ୍ରିପାଠୀ, ବିନାୟକ ସେଠୀ, ପ୍ରଭୁଦତ୍ତ ତ୍ରିପାଠୀ, ମୂରଲୀଧର ପ୍ରଧାନ, ବିଜୟ ଜେନା ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ବାର୍ତ୍ତା ପ୍ରଦାନ କରିଥିଲେ।

# ଯୁବତୀଙ୍କୁ ଦୁଷ୍କର୍ମ ହୋଇ ନାହିଁ: ଭିମସାର ରିପୋର୍ଟ

ବୁର୍ଲା, ୨୦।୧(ସମିସ): ବରଗଡ଼ ଧନୁଯାତ୍ରାରୁ ନିଖୋଜ ହୋଇଥିବା ଯୁବତୀଙ୍କ ଆଜି ମେଡିକାଲ ରିପୋର୍ଟ ପ୍ରଦାନ କରିଛି ବୁର୍ଲା ଭିମସାର। ବୁର୍ଲା ଭିମସାର ପକ୍ଷରୁ ଏନେଇ ବରଗଡ଼ ପୁଲିସକୁ ରିପୋର୍ଟ ହସ୍ତାନ୍ତର କରଯାଇଛି। ହେଲେ ବିଳମ୍ବରେ ରିପୋର୍ଟ ପ୍ରଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ତ ପ୍ରକାରର ରିପୋର୍ଟ ପୂର୍ବରୁ ପ୍ରସ୍ତୁତ ହୋଇଥିବାବେଳେ କେବଳ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗର ରିପୋର୍ଟ ମାତ୍ରାଧିକ ସମୟ ବିଳମ୍ବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇ ନ ଥିବା ନେଇ ଭିମସାର ପ୍ରଦାନ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସୋମବାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଦ୍ୱାରା ବରଗଡ଼ ପୁଲିସକୁ ରିପୋର୍ଟ ପ୍ରଦାନ କରାଯାଇଛି। ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଲାଲମୋହନ ନାୟକଙ୍କ କହିବା ଅନୁସାରେ ଯୁବତୀ ଜଣକ ସୁସ୍ଥ ଥିବାବେଳେ ଦୁଷ୍କର୍ମ ହୋଇ ନାହିଁ। ଏହାସହ ମୁଣ୍ଡରେ ଆଘାତ ଥିବାବେଳେ ଯୁବତୀଙ୍କ ଚିକିତ୍ସା ଚାଲିଥିବା ଡାକ୍ତର ଲାଲ ମୋହନ ନାୟକ କହିଛନ୍ତି।

# ରାଜବୋଡ଼ାସମ୍ବର ବ୍ଲକସ୍ତରୀୟ ପରାମର୍ଶ ଶିବିର

ପଦ୍ମପୁର, ୨୦।୧ (ସମିସ): ରାଜବୋଡ଼ାସମ୍ବର ବ୍ଲକସ୍ତରୀୟ ପରାମର୍ଶ ଶିବିର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ରାଜାଜୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱଳ୍ପକାଳୀନ ଓ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ଏବଂ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ସରୋଜା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ କର୍ମଚାରୀଗଣ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ମହାବିଦ୍ୟାଳୟର ଆଲୁମିନି ସଙ୍ଘ ସୋସାଇଟି ଆକ୍ଟରେ ପଞ୍ଜିକୃତ

**ବରଗଡ଼,୨୦।୧(ସମିସ):** ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଆଲୁମିନି ସଙ୍ଘ ସୋସାଇଟି ଆକ୍ଟରେ ପଞ୍ଜିକୃତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ଆଲୁମିନି ସଦସ୍ୟଙ୍କ ସହଯୋଗରେ ଏହାକୁ ସଫଳ କରାଇ ପାରିଛନ୍ତି। ତେଣୁ ସେ ଆଲୁମିନି ସଦସ୍ୟଙ୍କୁ ସାଧୁବାଦ ସହ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଫେବୃଆରୀ ୧୦ ଓ ୧୧ ରେ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଓ ଅଧିସ୍ୱୀକୃତି ପରିଷଦ(ନାକ୍) ପରିଦର୍ଶନ କରିବାକୁ ଆସୁଥିବା ହେତୁ ଏହା ପୂର୍ବରୁ ମହାବିଦ୍ୟାଳୟର ଆଲୁମିନି ସଙ୍ଘ ସୋସାଇଟି ଆକ୍ଟରେ ପଞ୍ଜିକୃତ ହେବା ମୂଲ୍ୟାୟନ ପରିମାପକରେ ନିଶ୍ଚିତ ଭାବରେ ଏକ ସକାରାତ୍ମକ ଦୃଷ୍ଟିକୋଣ ପକାଇବ। ତେଣୁ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ସହକର୍ମୀ ଅଧ୍ୟକ୍ଷ ପ୍ରଫେସର ସେଠ୍, ନାକ୍ ସଂଯୋଜକ ସହକାରୀ ପ୍ରଫେସର ଅନିରୁଦ୍ଧ ରୋହିଦାଶ, ସହଯୋଗୀ ତ୍ରିନାଥ ପ୍ରସାଦ ତ୍ରିପାଠୀ , ଆଲୁମିନି ସଙ୍ଘର ସମସ୍ତ ଭାରପ୍ରାପ୍ତ କର୍ମକର୍ତ୍ତା ତଥା ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାଛଡ଼ା ମହାବିଦ୍ୟାଳୟ ଆଲୁମିନି ସଙ୍ଘ ସୋସାଇଟିରେ ପଞ୍ଜିକୃତ ହେବା ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ନିମିତ୍ତ ଏକ ମାଇଲଖୁଣ୍ଟ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ପଦ୍ମପୁର, ୨୦।୧ (ସମିସ):** ପଦ୍ମପୁର ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ପଦ୍ମପୁର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତି ହୋଇଯାଇଛି। ସ୍କୁଲ ଓ କଲେଜଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ ନୃତ୍ୟ,ସଂଗୀତ ,ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି । ଏହି ପ୍ରତିଯୋଗିତାକୁ ମାର୍ଗଦର୍ଶିକା କମିଟି ପରିଚାଳନା କରିଥିଲେ। ପ୍ରତିଯୋଗିତାର ବିଚାରମଣ୍ଡଳୀରେ ଚିତ୍ରାଙ୍କନ ପାଇଁ ୩ଜଣ , ଇଂରାଜୀ ତର୍କ ପାଇଁ ୩ ଜଣ, ଓଡ଼ିଆ ପ୍ରବନ୍ଧକ ପାଇଁ ୩ ଜଣ ଥିଲେ। ଆସନ୍ତା ଜାନୁୟାରୀ ୨୬ ତାରିଖ ଦିନ ମୁଖ୍ୟ ଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି। ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

# ଶ୍ରୀ ରୁଦ୍ରମଙ୍ଗ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ମାଣ୍ଡୋସିଲ,୨୦।୧(ସମିସ)** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀ ସତ୍ୟସାଇ ସଙ୍ଗଠନ ଆନୁକୂଲ୍ୟରେ ସାଇପଲା ଡ୍ୟାମ ବଙ୍ଗଳା ପରିସରରେ ବରଗଡ଼ ଜିଲ୍ଲାର ଶତାଧିକ ସାଇପ୍ରେମୀ ମାଣ୍ଡୋସିଲ, ଛିଦେଇକେଲା, ପାଇକମାଳ, ପଦ୍ମପୁର, ବରଗଡ଼, ଆଗଲପୁର,ରେମତା ଓ ବରପାଲିଙ୍କ ଦ୍ୱାରା ରୁଦ୍ରମଙ୍ଗ ହୟଗ୍ରୀବ ଉପନିଷଦ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦେବଗୁରୁ ଡଃ ନିମୀତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ବେଦପାଠୀ ଭାଇଭଉଣୀ ବେଦ ପାଠ କରିଥିଲେ। ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା



ସାଂସ୍କୃତିକ, ନୃତ୍ୟ,ଗୀତ ଓ ଭଜନ ପରିବେଷଣ ହୋଇଥିଲା। ବିନୟ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବରଗଡ଼ରୁ ସୁରେନ୍ଦ୍ର ଭୋଇ, ସୁରେଶ ଚନ୍ଦ୍ର ପଣ୍ଡା ଓ କମଳାକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମରେ ମାଣ୍ଡୋସିଲ ସାଇ ସଙ୍ଗଠନର ନବୀନ କୁମାର ତନସନା, ଅରୁଣା ସାହୁ,ଶରତ ହଂସ,ଯୋଗିନ୍ଦ୍ର ତନସନା,ପଞ୍ଚୁ ସାହୁ, କିଶୋର ଖୁଣ୍ଟିଆ,ହାରବତୀ ତନସନା,,ଶୋଭନା ତନସନା, ଶୁଭମ୍ ତନସନା,ପିଙ୍କୁ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ମତଦାନ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ବରଗଡ଼,୨୦।୧(ସମିସ):**

ଆସନ୍ତା ଜାନୁୟାରୀ ୨୫ ତାରିଖରେ ବରଗଡ଼ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ୧୫ ତମ ଜାତୀୟ ମତଦାନ ଦିବସର ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷ, ବରଗଡ଼ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଡେପୁଟୀ ଜିଲ୍ଲାପାଳ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ଭୋଟର ସଚେତନତା ଉପଲକ୍ଷେ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ରଚନା, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଗଲା। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କାର ବିତରଣୀ ସଭା ଏବଂ ଭୋଟର ସଚେତନତା ଶୋଭାଯାତ୍ରା ଆୟୋଜନର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ୨୫ ତାରିଖ ପର୍ଯ୍ୟନ୍ତ ସକାଳ ୭.୦୦ ଘଟିକାରେ ସଚେତନତା ଶୋଭାଯାତ୍ରା ବରଗଡ଼ ସ୍ଥିତ ନିଶାମଣି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଟାଉନ ହଲ୍



ରେ ଶେଷ ହେବ ଏବଂ ସେଠାରେ ସଚେତନତା ସଭା ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ଜନ୍ମଜୟ ପାତ୍ର, ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ବରଗଡ଼ ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟ ଅଧ୍ୟକ୍ଷ/ ପ୍ରତିନିଧିଙ୍କଠାରୁ ସୁଚିନ୍ତିତ ମତାମତ ଲୋଡିଥିଲେ। ମତଦାନ ଦିବସର ମୁଖ୍ୟ ଆଭିମୁଖ୍ୟ "ମତଦାନ ର ନାହିଁ ବିକଳ୍ପ, ମୁଁ ନିଶ୍ଚୟ ଭୋଟ ଦେବି" ଏବଂ "ସୁଦୃଢ଼ ଗଣତନ୍ତ୍ର ଗଠନରେ ନାଗରିକମାନଙ୍କ ଭୂମିକା" ଉପରେ ଆଲୋକପାତ କରି ସାମୂହିକ ସଚେତନତାର ବାର୍ତ୍ତା ପ୍ରଚାର ଓ ପ୍ରସାର କରିବା ଏବଂ ସମାଜକୁ ସମୃଦ୍ଧି ପଥରେ ଅଗ୍ରଗାମୀ କରିବାକୁ ସମସ୍ତଙ୍କୁ ଦୃଢ ସଂକଳ୍ପବଦ୍ଧ ହେବାର ବାର୍ତ୍ତା ଦେଇ ଅତିରିକ୍ତ ଜିଲ୍ଲାପାଳ ବୈଠକର ପରିସମାପ୍ତି କରିଥିଲେ।


एनटीपीसी NTPC

ଏନ ଟି ପି ସି ଲିମିଟେଡ

(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩

କରପୋରେଟ୍ ପରିଚୟ ନଂ- L40101DL1975GOI007966

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | | |
| --- | --- | --- | --- | --- | --- | --- | --- |
| | | 2024-25 (01.04.24-30.03.2025) | 2024-25 (31.03.25-31.03.2025) | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ମୂଲ୍ୟ (ଟ.ଲକ୍ଷ/ବର୍ଷ) | 304477.99 | 306981.24 | 427256.18 | 427509.45 | 435229.41 | 438222.94 | 432861.49 |
| ୨. ଉର୍ଜା ମୂଲ୍ୟ (ଟ./ ପ୍ରତି ୟୁନିଟ) | 3.52 | 3.23 | 3.23 | 3.23 | 3.27 | 3.27 | 3.27 |

www.ntpc.co.in

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ଲଉଡ଼ିଦର୍ହା ମଣ୍ଡିରେ ଅଚଳାବସ୍ଥା

# ବିକ୍ରି ନ ହୋଇ ପଡ଼ିଛି ୬୧,୦୦୦ ବସ୍ତା ଧାନ

**ପଦ୍ମପୁର, ୨୦।୧ (ସମିସ)**

ପଦ୍ମପୁର ଉପଖଣ୍ଡ ଲଉଡ଼ିଦର୍ହା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଜଗଦଲପୁର, କୁମୀର, ଲଉଡ଼ିଦର୍ହା ଧାନମଣ୍ଡିରୁ ଧାନ ଉଠିବାରେ ବିଳମ୍ବ ହେଉଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଲଉଡ଼ିଦର୍ହାରେ ୨୦,୮୯୦ ପ୍ୟାକେଟ, ଜଗଦଲପୁରରେ ୨୩,୬୯୩, କୁମୀରରେ ୧୬,୩୯୮ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । ଜଗୁଆଳି ଅଭାବରୁ ଚାଷୀମାନେ ମଣ୍ଡିରେ ବର୍ଷା, ଶୀତରେ ନିଜ ଧାନକୁ ଜଗି ରହୁଛନ୍ତି । ମଣ୍ଡିରେ ଧାନ ସଂଗ୍ରହରେ ଅଚଳାବସ୍ଥା ଯୋଗୁଁ ଅନେକ ଚାଷୀ ଛତିଶଗଡ଼ ଦଲାଲଙ୍କୁ କମ ଦାମରେ ଧାନ ବିକ୍ରିକରି ଦେଇଥିବା ଜଣାପଡିଛି । ଛତିଶଗଡ଼ ବ୍ୟବସାୟୀ ଟ୍ରାକ୍ଟରରେ ଗଳା ବାଟ ଦେଇ ଏସବୁକୁ ନେଉଛନ୍ତି । ଡିସେମ୍ବର ୨୪ର ଧାନ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ପଡ଼ିରହିଛି । ଉକ୍ତ ଧାନକୁ ଚାଷୀ ମଣ୍ଡିରେ ବିକ୍ରି କରିବେ କି ଘରକୁ ନେବେ, ଦ୍ୱନ୍ଦ୍ୱରେ ଅଛନ୍ତି । ବରଗଡ଼ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ନଚେତ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହେଉଛି ।



**ଡିସେମ୍ବର ୨୪ର ଧାନ ଏପର୍ଯ୍ୟନ୍ତ ଉଠିନି**

**ବର୍ଷା, ଶୀତରେ ଜଗି ରହିଛନ୍ତି ଚାଷୀ**

# ୯୦ ପିଲାଙ୍କ ଲାଗି ମାତ୍ର ୨ ଶିକ୍ଷକ

## ବିଇଓଙ୍କୁ ଭେଟିଲେ ଖଇରପାଲିବାସୀ



**ଦହିତା, ୨୦।୧ (ସମିସ):** ପଦ୍ମପୁର ବ୍ଲକ ଖଇରପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ମାତ୍ର ଦୁଇ ଜଣ ଶିକ୍ଷକ ଅଛନ୍ତି । ଯଦ୍ୱାରା ପାଠପଢ଼ାରେ ପିଲାମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଖଇରପାଲି ଗ୍ରାମବାସୀ ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଦାବି ଜଣାଇଛନ୍ତି । ଯଦି ଶିକ୍ଷକ ପଦବୀ ପୂରଣ ନ ହେଲା, ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବାବୁଲାଲ ଚାନ୍ଦ, ପ୍ରଫୁଲ୍ଲ ମେହେର, ନାରାୟଣ ମେହେର, ଭାସ୍କର ପଟେଲ, ସରପଞ୍ଚ ପ୍ରତିନିଧି ଅଶୋକ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

# ବିରାଟ ରାମଲୀଳା ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା



**ଭେଡେନ, ୨୦।୧(ସମିସ):** ଭେଡେନ ପ୍ରସିଦ୍ଧ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବରଗଡ ଜିରାନଦୀ କୂଳରେ ରାଧାମାଧବ ମଠର ମଠାଧୀଶ ବାବା ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାମଯଜ୍ଞରେ ପ୍ରଥମେ ବାବା ସିଦ୍ଧେଶ୍ୱରଙ୍କ ନିକଟରେ ମହାଜଳାସାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯତିନ୍ଦ୍ର ରଥ ଓ ପ୍ରିୟଙ୍କା ରଥ ସପତ୍ନୀକ କର୍ତ୍ତା ଭାବରେ କାର୍ଯ୍ୟ ସମାପନ କରିଥିଲେ । ପରେ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରୁ ସଂକୀର୍ତ୍ତନ ମଣ୍ଡଳୀ,ଘଣ୍ଟ, ଶଙ୍ଖ, ବଜାଇ ଭେଡେନ ନିକଟସ୍ଥ ଦନ୍ତା ନଦୀରୁ କଳସରେ ପାଣି ନେଇ ଗ୍ରାମବାସୀ ଭେଡେନ ଗ୍ରାମ ପରିକ୍ରମା କରି ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ପୂଜାସ୍ଥଳୀରେ ପହଞ୍ଚିଥିଲେ ଓ ପୂଜା ମଣ୍ଡପରେ କଳସ ସ୍ଥାପନା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜକ ଭାବରେ ବିଶମ୍ବର ପାଣିଗ୍ରାହୀ, ଉଦ୍ଧବ ପୁଝାରି,ମେଘନାଦ ପାଣିଗ୍ରାହୀ ଦାୟିତ୍ୱ ତୁଲେଇଥିବା ବେଳେ ପୂଜାକର୍ଯ୍ୟରେ ମୁଖ୍ୟକର୍ତ୍ତା ଭାବର ସ୍ୱାଧୀନ ରଥ ଓ ପ୍ରମୋଦିନୀ ରଥ ,ପ୍ରମୋଦ ମେହେର ଓ ନମିତା ମେହେର,ପ୍ରଭାତ ମିଶ୍ର ଓ କିରଣବାଳା ମିଶ୍ର, ଅନୁପ ବେହେରା, ଟୁଇଙ୍କିଲ ବେହେରା, ରାକେଶ ସାହୁ ଓ ଲିପିକା ସାହୁ,ବିନାୟକ ଦେହେରି ଓ ମିନତୀ ଦେହେରି,ସୂରଜ ମହାରଣା ଓ ଝରଣା ମହାରଣା ଦାୟିତ୍ୱ ତୁଲେଇଥିଲେ । ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞର ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା । ଦୀର୍ଘ ୯ଦିନ ଧରି ବିଶ୍ୱଶାନ୍ତି ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଅନୁଷ୍ଠିତ ହେବ । କଳସ ଶୋଭାଯାତ୍ରାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦାନ କରିଥିବା ବେଳେ ପରିଚାଳନା କମିଟିର ଉପସଭାପତି ସୁଶୀଳ ବେହେରା,ଅନୀଲ କୁମାର ସାହୁ,ଦେବାନନ ବେହେରା, ସମ୍ପାଦକ ସତ୍ୟ ନାରାୟଣ ରଥ,ଉପସମ୍ପାଦକ ଆନନ୍ଦ ଅଗ୍ରୱାଲ, ପ୍ରମୋଦ ମେହେର,କୋଷାଧ୍ୟକ୍ଷ ଗୋପାଳ ବେହେରା, ରାଜେଶ ବରେଇ, ଦୟାନନ୍ଦ ମେହେର, ସୋମନାଥ ସାହୁ, ଟଙ୍କଧର ମେହେର, ଗୌର ଦେହେରି ପ୍ରମୁଖ ସହଯୋଗ କରିଥିଲେ ।

## ବାଇକ୍ ଡିକିରୁ ଲକ୍ଷେ ଟଙ୍କା ଚୋରି ଘଟଣା: ଅଭିଯୁକ୍ତ ଗିରଫ

**ଭେଡେନ,୨୦।୧(ସମିସ):** ଭେଡେନ ଥାନା ରଷୁଡ଼ା ଫାଣ୍ଡି ଅନ୍ତର୍ଗତ ମହୁଲପାଲି ଗ୍ରାମର ପ୍ରଶାନ୍ତ କର୍ମୀ ଭେଡେନ ସ୍ଥିତ କୋଅପରେଟିଭ ବ୍ୟାଙ୍କରୁ ଧାନ ବିକ୍ରିକରି ଟଙ୍କା ଉଠାଇ ନିଜ ମଟର ସାଇକେଲ ଡିକିରେ ଟଙ୍କା ରଖି ଭେଡେନ



ସ୍ଥିତ ଏକ ଦୋକାନରୁ କିଛି କିଣିବାକୁ ଯାଇଥିଲେ । ସେ ଫେରି ଦେଖିଲା ବେଳକୁ କୋଣସି ଦୁର୍ବୃତ୍ତ ଡିକି ଖୋଲି ଟଙ୍କା ଚୋରି କରିନେଇଥିଲା । । ଏନେଇ ସେ ଗତ ୧୫ ତାରିଖରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ । ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଓ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଲାଗିଥିବା ସିସି କେମେରା ଦେଖି ତଦନ୍ତ କରିଥିଲେ ଓ ପୁଲିସ ରଷୁଡ଼ା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମର ବ୍ୟୋମକେଶ ମିଶ୍ର(୪୨)କୁ ଗିରଫ କରିଥିଲେ । ସେ ଡିକି ଖୋଲି ଟଙ୍କା ଚୋରିକରି ଫେରାର ହୋଇଥିଲା । ତାକୁ ପୁଲିସ ନିଜ ଗ୍ରାମରୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତଙ୍କଠାରୁ ୧ ଲକ୍ଷ ଟଙ୍କା ସହ ସେ ବ୍ୟବହାର କରୁଥିବା ବାଇକ୍ (ଓଆର୧୭ କେ ୪୮୩୮) କୁ ଜବତ କରାଯାଇଛି ।

## ■ ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନ ଜାରି

# ୨ ଶିବିରରୁ ୮୮ ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼,୨୦।୧(ସମିସ):** ବରଗଡ଼ ବ୍ଲକ ତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନନ୍ଦଟିକ୍ରା ଠାରେ ନିଷ୍ଠା ପରିବାରର ସକ୍ରୀୟ ସଦସ୍ୟ ପ୍ରଦୀପ ନନ୍ଦଙ୍କ ପୁଅ ପୀୟୂଷର ଶୁଭ ବ୍ରତୋପନୟନ ଅବସରରେ ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନର ୨୦ ଦିନରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ପ୍ରଦୀପ ନନ୍ଦଙ୍କ ବାପା ଆନନ୍ଦ ନନ୍ଦ,ମା' ଶାନ୍ତିଲତା ନନ୍ଦ ଫିତାକାଟି ଶୁଭାରମ୍ଭ କରିଥିଲେ । ଏହି ଶିବିରରୁ ମୋଟ ୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଠିକ ସେହିପରି ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ଠାରେ ନିଷ୍ଠା ପରିବାରର ସକ୍ରୀୟ ସଦସ୍ୟ ନିବୃତ ପଣ୍ଡାଙ୍କ ପୁଅ ଅନିକର ଶୁଭ ବ୍ରତୋପନୟନ ଅବସରରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଭାଗିରଥି ପଣ୍ଡା ଓ ସୁଶାନ୍ତ ପଣ୍ଡା ଫିତାକାଟି ଶୁଭାରମ୍ଭ କରିଥିଲେ । ଶିବିରରୁ ସର୍ବମୋଟ ୫୫ ୟୁନିଟ୍ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଉଭୟ ରକ୍ତଦାନ ଶିବିରରୁ ସର୍ବମୋଟ ୮୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସମସ୍ତ ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁ, ନନ୍ଦ ପରିବାର ଓ ପଣ୍ଡା ପରିବାରକୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଦିଆଯାଇଛି ।

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା




**ବରଗଡ଼, ୨୦। ୧(ସମିସ):** କଟକସ୍ଥିତ ଅଡ଼ଶପୁରର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ସିଏଚ୍ ଏଣ୍ଡ ଲିଟରାଲ୍ ମିଟ୍ ରେ ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ ୧୧ ଜଣିଆ ଟିମ୍ ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ ଆଣ୍ଟ ଆଞ୍ଚଲ, ପ୍ରିୟା, ପାୟଲ, ନମିତା, ଆଦ୍ୟାଶା ଓ ପ୍ରଜ୍ଞା ଏକ ସୁନ୍ଦର ଦଳଗତ ଲୋକନୃତ୍ୟ ପରିବେଷଣ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କ୍ରିଷ୍ଣା ବିକାଶ ତଥା ସମଗ୍ର ବରଗଡ଼କୁ ଗୌରବାନ୍ୱିତ କରିଛନ୍ତି । ସେହିପରି ବିଦ୍ୟାଳୟର ଛାତ୍ର ଆଶିଷ ରଣା କ୍ୱିଜରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନନ୍ ଡି ମୁରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍. କାନ୍ତା ରାଓ ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡା ତଥା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି ।

## ତହସିଲଦାରଙ୍କ ସହ ଗୁଦେରପାଲି ସରପଞ୍ଚଙ୍କ ଆଲୋଚନା

# ୨୧୬.୯୫ ଏକର ଗୋଚର ଜମି ଜବରଦଖଲ

**ଗୁଦେରପାଲି, ୨୦।୧ (ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗ୍ରାମପଞ୍ଚାୟତଟି ଗୁଦେରପାଲି, ବେହେରାବାହାଲି, ଜାମୁଟପାଲି ଏବଂ ରେଙ୍ଗାଲପାଲି ଚାରିଖଣ୍ଡ ଗାଁକୁ ନେଇ ଗଠିତ । ଏହି ଗ୍ରାମପଞ୍ଚାୟତରେ ସର୍ବମୋଟ ୨୬୭୧.୬୭ ଏକର ଜମି ଅଛି । ସେଥିଭିତରୁ ୨୩୮୧.୯୭ଏକର ଚାଷ ଜମି ରଏତି ଥିବା ବେଳେ ୨୮୯.୭୦ ଏକର ଗୋଚର ଜମି ଅଛି । ବାକି ତିନି ଖଣ୍ଡ ଗାଁକୁ ବାଦ ଦେଇ କେବଳ ଗୁଦେରପାଲି ଗାଁରେ ସର୍ବମୋଟ ୧୪୮୩.୭୨ ଏକର ଜମିଥିବା ବେଳେ ସେଭିତରୁ ୧୧୯୩.୯୨ ଏକର ରଏତି ଏବଂ ୨୮୯.୭୦ ଏକର ଗୋଚର ଜମି ରହିଥିବାର ଗୁଦେରପାଲି ରାଜସ୍ୱ ନିରୀକ୍ଷକ ଦୀପକ ମିର୍ଦ୍ଧା ସୂଚନା ଦେଇଛନ୍ତି । କିନ୍ତୁ ପରିତାପର ବିଷୟ ଯେ, ଗୁଦେରପାଲି ଗାଁରେ ୨୧୯.୧୭ ଏକର ଗୋଚର ଜମି ଥିବା ବେଳେ ସରକାରୀ ବାବୁମାନଙ୍କ ସହ ଏ ଅଞ୍ଚଳର ବୁଦ୍ଧିଜୀବୀ ହାତଗଣତି ଗୋଟିଏ କିମ୍ବା ଦୁଇଜଣ ଚାଷୀଙ୍କ ପାଖରୁ ପ୍ରାୟ ୨.୨୨ ଏକର ଗୋଚର ଜମି ଛଡେଇ ନେଇ କେଉଁଠି ଆରଏମସି ଗୋଦାମ ତିଆରି କରିଛନ୍ତି ତ କେଉଁଠି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ କରିଛନ୍ତି । ଯେଉଁ ୨.୨୨ ଏକର ଗୋଚର ଜମି ଛଡେଇଛନ୍ତି, ସେହି ଚାଷୀମାନେ ସେ ଜମିର ମାଲଗୁଜାରି ଜରିମାନା ମଧ୍ୟ ସରକାରଙ୍କୁ ପୈଠକରି ଚାଷ କରୁଥିଲେ । ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ହେଉ କିମ୍ବା ଆରଏମସି ଗୋଦାମ ହେଉ, ଏହା ଏଅଞ୍ଚଳର ଜନସାଧାରଣଙ୍କ ପାଇଁ ଦରକାର ଥିଲା । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ବାକି ୨୧୬.୯୫ ଏକର ଗୋଚର ଜମି କାହା ସ୍ୱାର୍ଥରେ । ଏ ବିଷୟରେ ଅଞ୍ଚଳର ସମସ୍ତ ଗୋଚର ଜମି ଚିହ୍ନଟ କରିବା ପାଇଁ ଗୁଦେରପାଲି ସରପଞ୍ଚ ରାମଚନ୍ଦ୍ର ପାତ୍ର ତତ୍କାଳୀନ ଗାଇସିଲେଟ ତହସିଲଦାର ଟାଟସ ମହାନନ୍ଦିଆଙ୍କୁ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ ଚିହ୍ନଟ ଏପର୍ଯ୍ୟନ୍ତ ହେଲା ନାହିଁ । ଏବିଷୟରେ ଆମ ପ୍ରତିନିଧି ବର୍ତ୍ତମାନର ତହସିଲଦାର ନେପାଳ ମୁଣ୍ଡାଙ୍କୁ ପଚାରିବାରୁ ପ୍ରଥମେ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଲଖମରା ବ୍ଲକ ଦାବିରେ ପ୍ରସ୍ତୁତି ବୈଠକ

**ପଦ୍ମପୁର, ୨୦।୧ (ସମିସ):** ପଦ୍ମପୁର ଉପଖଣ୍ଡ ଲଖମରାକୁ ବ୍ଲକ ଦାବିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟିର ସଭାପତି କେଶବ ସାହୁ ଅଧ୍ୟକ୍ଷତା କରିଥିଲେ । ଲଖମରାଠାରୁ ପାଇକମାଳ ବ୍ଲକ ଅଫିସ ୪୫କିମି ଦୂର ଥିବା ବେଳେ ପୁଲିସ ଥାନା ଝାରବନ୍ଧ ବ୍ଲକର ଜଗଦଲପୁର ୧୭ କିମି, ଉପଜିଲ୍ଲାପାଳ ଅଫିସ ୧୨କିମି ଦୂର ରହିଛି । ବ୍ଲକ ପାଇକମାଳ, ତହସିଲ, ଉପ ଜିଲ୍ଲାପାଳ ଅଫିସ ପଦ୍ମପୁର ବ୍ଲକ ହୋଇଥିବା ବେଳେ ଥାନା ଝାରବନ୍ଧ ବ୍ଲକର ଜଗଦଲପୁରଠାରେ ରହିଛି । ଏକ ବିଚିତ୍ର ଭୌଗଳିକ ପରିସୀମାରେ ରହିଛି । ତେଣୁ ଏକ ସ୍ୱତନ୍ତ୍ର ବ୍ଲକ ଦାବି କରାଯାଇଛି । କେତେକ ନୂତନ ବ୍ଲକ ପୁନଃଗଠନ ବିଚରାଧୀନ ଥିବାରୁ ଲଖମରାକୁ ନୂତନ ବ୍ଲକରେ ସାମିଲ କରିବାକୁ ଆଶା ରଖିଛି କମିଟି । ଆଗାମୀ ୨୫ରେ ଅଞ୍ଚଳର ଲଖମରା, ଚର୍ଦାପାଲି, ପୁରେନା, ସରେଇକେଲା, ବାଦିକଟା, ଜଗଦଲପୁର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପ୍ରମୁଖ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯାଇଛି । ଉକ୍ତ ଦିନ ଭବିଷ୍ୟତ କାର୍ଯ୍ୟାପନ୍ଥା ନିର୍ଦ୍ଧାରଣ କରାଯିବ । ପ୍ରସ୍ତୁତି ବୈଠକରେ ଚନ୍ଦୁଲାଲ ପ୍ରଧାନ, ସପ୍ତଲାଲ ଝଗରା, ରାକେଶ ଡ଼ନସନା, ନରୋତ୍ତମ ହୋତା, ଶରତ ପ୍ରଧାନ, ଗଣେଶ ନାଏକ, ବଳରାମ ସାହୁ, ଗଜରାଜ ଡନସନା, ଯାଦବ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

## ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

**ଥୁଆପାଲି, ୨୦।୧(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଗୋପାଳ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ମୋନାଲି କର୍ଣ୍ଣ ୮୧ ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ । ଏଥିରେ ବିଦ୍ୟାଳୟର ଖେଳ ଶିକ୍ଷକ ସହଯୋଗ କରିଥିଲେ । ବିଦ୍ୟାଳୟର ଗଜାନନ ପଟେଲ, ଉମେଶ ଚନ୍ଦ୍ର ରାଉତିଆ, ଫଣୀନ୍ଦ୍ର ମିରିଗ, ଅର୍ଜୁନ ଦୋରା, ବିରଞ୍ଚି ମହାଣା, କଳ୍ପନା ଚାନ୍ଦ, ପ୍ରେରଣା ଭୋଇ ସହଯୋଗ କରିଥିଲେ ।

## ୪୫% ରୁ ଉର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି

**ପଦ୍ମପୁର, ୨୦।୧(ସମିସ):** ଚଳିତ ମାସରୁ ରାଜ୍ୟ ସରକାର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ବର୍ଦ୍ଧିତ ୩୫୦୦ ଟଙ୍କା ମାସିକ ଭତ୍ତା ପ୍ରଦାନ କରିଛନ୍ତି । ୪୫% ରୁ ଉର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଙ୍କୁ ବାଛ ବିଚାର ନ କରି ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଏହି ବର୍ଗର ଦିବ୍ୟାଙ୍ଗଗଣ ଦାବି କରିଛନ୍ତି । ସରକାର ଏନେଇ ପୁନଃ ବିଚାର କରିବାକୁ ଦାବି ହୋଇଛି ।

## ଜାତୀୟ ଯୁବ ରେଡକ୍ରସ୍ ଦିବସ ପାଳିତ

**ଥୁଆପାଲି, ୨୦।୧(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି । ରେମଣ୍ଡା ବିଦ୍ୟାଳୟର ଅଧକ୍ଷ ଗୋପାଳ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଂଗଠନ ଅଧିକାରୀ ଦେବରାଜ ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ରେଡକ୍ରସ୍ ପରାମର୍ଶଦାତା ଡାଃ ଅଶ୍ୱିନୀ କୁମାର ପାଣିଗ୍ରାହୀ , ବିଦ୍ୟାଳୟର ଦନାର୍ଦ୍ଦନ ସାହୁ, ରାଜଲକ୍ଷ୍ମୀ ପ୍ରଧାନ, ଅର୍ଜୁନ ପ୍ରଧାନ, ଆଶିଷ ଭୋଇ, ପ୍ରେରଣା ଭୋଇ, ଆଶୁତୋଷ ଜୈସ୍ୱାଲ, ଶିବ ନାରାୟଣ ସାହୁ, ଶିଶିର ସାହୁ, ଅଶୋକ ଖମାରି, ଉମେଶ ରାଉତିଆ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଏକ ସାମ୍ ସାଇ କେ ନାମ' କାର୍ଯ୍ୟକ୍ରମ ସ୍ଥଗିତ

**ବରଗଡ଼ ୨୦। ୧(ସମିସ):** ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଲୋକ ମଣ୍ଡପ ପଡ଼ିଆରେ ବରଗଡ଼ ସାଇ ପରିବାର ପକ୍ଷରୁ ଆୟୋଜିତ ହେଉଥିବା 'ଏକ ସାମ ସାଇ କେ ନାମ' କାର୍ଯ୍ୟକ୍ରମକୁ ଚଳିତ ବର୍ଷ ପାଇଁ ଆୟୋଜକମାନେ ସ୍ଥିଗିତ ରଖିବାକୁ ଘୋଷଣା କରିଛନ୍ତି । ଆଜି ସଂସ୍ଥା ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ବରିଷ୍ଠ ସଦସ୍ୟମାନେ କହିଥିଲେ ଯେ, ଚଳିତ ବର୍ଷ ଉକ୍ତ ପଡ଼ିଆରେ ଆୟୋଜନ ହେଉଥିବା ଅନ୍ୟ ଏକ କାର୍ଯ୍ୟକ୍ରମ ଯୋଗୁଁ ବାଧ ହୋଇ ୧୩ ବର୍ଷ ଧରି ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । ବହୁ ପୂର୍ବରୁ ଆମେ ଆବେଦନ କରିଥିବା ସତ୍ତ୍ୱେ ଆଜି ଆମକୁ ପଡ଼ିଆ ଦିଆଯାଇନାହିଁ । ହେଲେ ଅନ୍ୟ ଏକ ସଂସ୍ଥା ଧାର୍ମିକ କାର୍ଯ୍ୟ କରୁଥିବାରୁ ସେମାନେ ଏହି ପଡ଼ିଆ ନେଇଛନ୍ତି । ଏବେ କିନ୍ତୁ ହାତରେ ଆଉ ମାତ୍ର ଛଅ ଦିନ ଥିବାରୁ ଆମେ ଆଉ ମାନସିକ ସ୍ଥିତିରେ ନାହୁଁ, ଏହି କାର୍ଯ୍ୟକ୍ରମକୁ ଅନ୍ୟ କୌଣସି ସ୍ଥାନରେ ଆୟୋଜନ କରିବା ପାଇଁ । ହଠାତ କାର୍ଯ୍ୟକ୍ରମ ଏହି ସ୍ଥାନରେ ବନ୍ଦହୋଇ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିବ ନାହିଁ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଆହୁରି ବଡ଼ ଧରଣରେ ଆୟୋଜିତ ହେବ ବୋଲି ସାଇ ପରିବାରର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ରାକେଶ ନାୟକ, ଜ୍ୟୋତି ବିଶୀ, ସୁଧୀର ତ୍ରିପାଠୀ ପ୍ରମୁଖ କହିଛନ୍ତି ।




# ମା' ଚଣ୍ଡି କ୍ରିକେଟ କପ୍ : ଝାଙ୍କରପାଲି ଚାମ୍ପିଅନ

**ପଦ୍ମପୁର, ୨୦।୧ (ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର କନସିହା ଚଣ୍ଡିପାଲି ଗାଁ ଠାରେ ୧୪ ତମ ମା' ଚଣ୍ଡି କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଗତ ୧୫ ତାରିଖ ରୁ ଶୁଭାରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨୫ ଗୋଟି କ୍ରିକେଟ ଦଳ ଯୋଗଦାନ କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜୁରିଆ ଓ ଝାଙ୍କରପାଲି ମଧ୍ୟରେ ଅନୁଷ୍ଠିତ ହୋଇ ଝାଙ୍କରପାଲି ଫାଇନାଲକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଲୁଆସିହା ଓ ଚଣ୍ଡିପାଲି ମଧ୍ୟରେ ଅନୁଷ୍ଠିତ ହୋଇ ଲୁହାସିହା ଫାଇନାଲକୁ ପ୍ରବେଶ କରି ଲୁହାସିହା ଓ ଝାଙ୍କରପାଲି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଲୁହାସିହା ୩ ଉଇକେଟ ବିନିମୟରେ ୧୦୫ ରନ୍ କରିଥିବା ବେଳେ ଝାଙ୍କରପାଲି ୧୦୬ ରନ୍ କରି ଟୁର୍ଣ୍ଣାମେଣ୍ଟର ବିଜୟୀ ହୋଇଥିଲେ । ଫାଇନାଲ ମ୍ୟାଚର ଉଦଯାପନୀ ଦିବସରେ ପଦ୍ମପୁରର ବିଶିଷ୍ଟ ସମାଜସେବୀ ଚନ୍ଦନ ବଂଶଲ ଯୋଗଦାନ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିପାଲି ଗାଁ ଗୈନ୍ତିଆ ସରୋଜ ପଧାନ, ବରିଷ୍ଠ ଚାଷୀ ରବି ପଧାନ, ଟୁନା ବରିହା, ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥୀ,ଯାଦବ ବରିହା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ ।



# ବିଡିଓଙ୍କ କାର୍ଯ୍ୟାଳୟରେ କିର୍ମିରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ଦାଦାଗିରି

**● ଭିଡିଓ ଭାଇରାଲ, ଅଭିଯୋଗ ଆଣିଲେ ଅର୍ଡ୍ଡା ସରପଞ୍ଚ**

ଝାରସୁଗୁଡ଼ା,୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ତେଜରାଜ ସାହୁ କିର୍ମିରା ବିଡିଓଙ୍କ କାର୍ଯ୍ୟାଳୟରେ ପାଟିତୁଣ୍ଡ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି । ତେବେ ଏହି ପାଟିତୁଣ୍ଡ ସମୟରେ ସେଠାରେ ଉପସ୍ଥିତ ଥିବା ଅର୍ଡ୍ଡା ସରପଞ୍ଚ ବୀଣାପାଣି ପୋଢ଼ କହିଛନ୍ତି ଯେ, କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କିର୍ମିରା ବ୍ଲକ ଅଧ୍ୟକ୍ଷା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଅନ୍ୟାନ୍ୟ ପିଆରଆଇ ସଦସ୍ୟଗଣ ମଧ୍ୟ ଯୋଗଦାନ କରିଥିଲେ । ବୈଠକ ପରେ ଗ୍ରାମ ପଞ୍ଚାୟତଗୁଡିକର ଉନ୍ନତିମୂଳକ କାର୍ଯ୍ୟ କିପରି ଶୀଘ୍ର ହୋଇପାରିବ, ସେନେଇ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିଥିଲେ । ସେମାନେ ଆଲୋଚନା କରୁଥିବା ସମୟରେ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ, କିର୍ମିରା ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ସହ କିଛି ଯୁବକ ବିଡିଓଙ୍କ କାର୍ଯ୍ୟାଳୟରେ ପଶି ପିଆରଆଇ ସଦସ୍ୟଙ୍କୁ ଦୁର୍ବ୍ୟବହାର କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହା ସହିତ ସେମାନେ ଅନ୍ୟ ସମୟରେ ମଧ୍ୟ ବ୍ଲକକୁ ଯିବା ସମୟରେ ସେଠାରେ ବ୍ଲକ ଅଧ୍ୟକ୍ଷାଙ୍କ ଗୁଣ୍ଡାମାନେ ମହିଳା ପିଆରଆଇ ମେମ୍ବରଙ୍କୁ ଖରାପ ନଜରରେ ଦେଖୁଥିବା ସରପଞ୍ଚ ବୀଣାପାଣି ଅଭିଯୋଗ କରିଛନ୍ତି । କିର୍ମିରା ବ୍ଲକ ଅଧ୍ୟକ୍ଷା, ତାଙ୍କ ସ୍ୱାମୀ ଏବଂ ସେମାନଙ୍କ ଗୁଣ୍ଡାଙ୍କ ଠାରୁ ଜୀବନ ପ୍ରତି ମଧ୍ୟ ବିପଦ ଥିବା ସରପଞ୍ଚ ବୀଣାପାଣି କହିଛନ୍ତି ।

# ଜୁଆଆଡ୍ଡା ଉପରେ ଚଢ଼ଉ; ୬ ଗିରଫ



**ବ୍ରଜରାଜନଗର, ୨୦।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗଙ୍ଗାନଗର ସନ୍ତୋଷୀପଡ଼ାର ଏକ ପରିତ୍ୟକ୍ତ ଘରେ ଜୁଆଖେଳ ଚାଲିଥିବା ଖବର ପାଇ ପୁଲିସ ଚଢ଼ଉ କରି ୬ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରମେଶ ପ୍ରସାଦ ଓରଫ ସଟକା(୪୫), ବୁନ୍ଦିଆ କଲୋନୀ ଅଞ୍ଚଳର ନାନକୁ ରାଉତ(୪୫), ଗଙ୍ଗାନଗର ସ୍କୁଲପଡ଼ାର ଜାରସା ଅଲି (୪୭), ଗଙ୍ଗାନଗର ଗଞ୍ଜାମିଆପଡ଼ାର ନାରାୟଣ ପରିଡ଼ା(୩୪), ରାମପୁର ବିନାସିପଡ଼ାର ସୁନୀଲ ଶର୍ମା(୪୫), ବ୍ରଜରାଜନଗର ମୁଖ୍ୟ ମାର୍କେଟର ରାଜେଶ ପିନିୟାନି (୫୧)ଙ୍କୁ ଗିରଫ କରିଥିଲେ । ସୂଚନାନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବ୍ରଜରାଜନଗର ପୁଲିସ ଏଏସଆଇ ପ୍ରଦୀପ କୁମାର ସାହୁ, ଏଏସଆଇ ଅଭୟ ମହାନ୍ତି ଓ ଏଏସଆଇ ଦିଲୀପ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ ଗଙ୍ଗାନଗର ସନ୍ତୋଷୀପଡ଼ାର ଉକ୍ତ ପରିତ୍ୟକ୍ତ ଘରେ ଚଢ଼ଉ କରିଥିଲା । ଚଢ଼ଉବେଳେ ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା । ସେମାନଙ୍କ ନିକଟରୁ ୩୪ହଜାର ୩୮୦ ଟଙ୍କା, ଗୁଲ୍‌ବୋର୍ଡ, ୨ଟି ଗୋଟି, ୬ଟି ମୋବାଇଲ ଫୋନ ଜବତ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି । ଏନେଇ ପୁଲିସ ମାମଲା ରୁଜୁ କରି ସୋମବାର ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦିଆଯାଇଛି ।

# ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ





**● ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ**

**ଦେବଗଡ଼, ୨୦।୧(ସମିସ):** ବାରକୋଟ ବ୍ଲକ ସିଂହଶାଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୧୩ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ବିଶେଷ କରି ପାନୀୟ ଜଳ, ସୁଭଦ୍ରା ଯୋଜନା, ମାଙ୍କଡ଼ ଉପଦ୍ରବ, ଖରିଫ ଧାନ ବିକ୍ରୟ ସମ୍ବନ୍ଧେ ଓ ପୁନର୍ବାର ସ୍କୁଲ ଖୋଲିବା ଆଦି ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ତହସିଲଦାର ରବୀନ୍ଦ୍ର କୁମାର ନାୟକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଝାରସୁଗୁଡ଼ା :** ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ତୁଙ୍ଗତୁଙ୍ଗ, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୮ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୫ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ । ଶିବିରରେ ସାହସପୁର ପଞ୍ଚାୟତ ଅଧୀନ ନାଏକ ବନ୍ଧପାଲି ବଡ଼କାମୁଣ୍ଡାରେ ଓ ନୀଳକଣ୍ଠେଶ୍ୱର ମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ସକାଶେ ଶୌଚାଳୟ ନିର୍ମାଣ, ମନରେଗା ଯୋଜନାରେ ମନମୁଖୀ କାର୍ଯ୍ୟ, ଶ୍ରୀପୁରାରେ ପାଚେରୀ ବିବାଦ, ନାଏକ ବନ୍ଧପାଲିରେ ଭାଙ୍ଗିଯାଇଥିବା ପଞ୍ଚାୟତ ଭବନ ପାଚେରୀ ନିର୍ମାଣ ଓ ଚିକିତ୍ସା ସକାଶେ ଆର୍ଥିକ ସହାୟତା ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଅଭିଯୋଗ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

**ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବର ଚତୁର୍ଥ ଦିବସ**

# 'ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି'



**ଦେବଗଡ଼, ୨୦।୧(ସମିସ):** ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚାରେ ଆୟୋଜିତ ପାଞ୍ଚଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ସୋମବାର ଥିଲା ଚତୁର୍ଥ ଦିବସ । ମୁଖ୍ୟଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ବିଭାଜିକା ଦେବାଶିଷ ଜଗଦେବ, ତିଳେଇବଣି ବ୍ଲକ କୃଷି ଅଧିକାରୀ ମନୋଜ ମାରାଣ୍ଡି, ଏପିଆଇସିଓଏଲ ଜିଲ୍ଲା ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଶିଶିର ଷଡ଼ଙ୍ଗୀ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୃଷି ଓ କୃଷକ ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । କୃଷି ଓ କୃଷକଙ୍କୁ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଓ ଯୁବଚାଷୀଙ୍କୁ ପ୍ରେରଣା ଯୋଗାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମର ବିପିନ ବେହେରା, ରିଆମାଳ ବ୍ଲକ ବାଘବର ଗ୍ରାମର ବବୁଲି ମାଝୀ, ତିଳେଇବଣି ବ୍ଲକ ବଡ଼ଛାଲପାଳ ଗ୍ରାମର ଶର୍ମା କିଷାନ, ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବାରକୋଟ, ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ରିଆମାଳ, ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ତିଳେଇବଣିକୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଷ୍ଟଲ ଖୋଲାଯାଇଛି । ସହକାରୀ କୃଷି ଅଧିକାରୀ ସ୍ୱୟଂଶିଖା ପ୍ରିୟଦର୍ଶିନୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ପତ୍ନୀହନ୍ତାକୁ କୋର୍ଟଚାଲାଣ




ଝାରସୁଗୁଡ଼ା, ୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଗୁଡମ ଗାଁରେ ପତ୍ନୀଙ୍କୁ ଇଟାରେ ପିଟିପିଟି ହତ୍ୟା କରିବା ମାମଲରେ ସ୍ୱାମୀ ନେହେରୁ ପ୍ରଧାନ(୫୫)ଙ୍କୁ ରେଙ୍ଗାଲି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ମୃତକ ହେଲେ ସରସ୍ୱତୀ ପଧାନ (୪୭) । ସୂଚନାନୁଯାୟୀ, ଗତ ଶନିବାର ରାତିରେ କୌଣସି କଥାକୁ ନେଇ ନେହେରୁ ଏବଂ ସରସ୍ୱତୀଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ଧୀରେ ଧୀରେ ତାହା ଉଗ୍ରରୂପ ନେବାସହ ନେହେରୁ ଉତ୍ତ୍ୟକ୍ତ ହୋଇ ଏକ ଇଟାରେ ସରସ୍ୱତୀଙ୍କୁ ଆକ୍ରମଣ କରିଥିଲେ । ଫଳରେ ସରସ୍ୱତୀ ରକ୍ତାକ୍ତ ହୋଇ ଚେତାଶୂନ୍ୟ ହେବାସହ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟା ରେଙ୍ଗାଲି ଥାନାକୁ ଖବର ଦେବାରୁ ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ରକ୍ତ ଲଗା ଇଟାକୁ ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତ ନେହେରୁକୁ ଗିରଫ କରି କୋର୍ଟଚଲାଣ କରିଛି ।

# ଗାଡ଼ିରୁ ୧୦୫ କେଜି ଗଞ୍ଜେଇ ଜବତ



ଝାରସୁଗୁଡ଼ା, ୨୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ କୁଡ଼ାଲୋଇ ନିକଟରେ ଏକ ଏକ୍ସୟୁଭିରୁ ଲଖନପୁର ପୁଲିସ ୧୦୫ କେଜି ଗଞ୍ଜେଇ ଜବତ କରିଛି । ଜାତୀୟ ରାଜପଥ ୪୯ରେ ଉକ୍ତ ଏକ୍ସୟୁଭି ଗାଡ଼ି ଝାରସୁଗୁଡ଼ାରୁ ଛତିଶଗଡ଼ ଅଭିମୁଖେ ଯାଉଥିବାବେଳେ କୁଡ଼ାଲୋଇ ସାପ୍ତାହିକ ବଜାର ନିକଟରେ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଉକ୍ତ ଏକ୍ସୟୁଭିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ଲଖନପୁର ପୁଲିସ ପହଞ୍ଚି ଏକ୍ସୟୁଭିକୁ ଯାଞ୍ଚ କରିବାବେଳେ ଏହା ଭିତରୁ ବସ୍ତାବସ୍ତା ଗଞ୍ଜେଇ ମିଳିଥିଲା । ଗଞ୍ଜେଇ ବସ୍ତାକୁ ଜବତ କରାଯାଇଥିବାବେଳେ ଚଲାଣ କରୁଥିବା ଅଭିଯୁକ୍ତମାନେ ଫେରାର ମାରିଥିବା ଲଖନପୁର ପୁଲିସ ସୂଚନା ଦେଇଛି । ଉକ୍ତ ଗାଡ଼ିକୁ ପୁଲିସ ଜବତ କରିଥିବାବେଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା



ଦେବଗଡ଼, ୨୦।୧(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ କାଦୋପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ପରିଚାଳନା କମିଟି ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇଥିବା ଜଣାପଡ଼ିଛି । ଶିକ୍ଷକ ଅଭାବ ଯୋଗୁଁ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ଧିରେନ୍ କୁମାର ପ୍ରଧାନ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନଥିଲା । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୬୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବର୍ତ୍ତମାନ ସେଠାରେ ଦୁଇ ଜଣ ଶିକ୍ଷୟିତ୍ରୀ ଥିବାବେଳେ, ଜଣେ ଶିକ୍ଷୟିତ୍ରୀ ନିଜ ପିଲା ଧରି ପାଠ ପଢ଼ାଇବାକୁ ଆସୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଅଛି ବୋଲି ପରିଚାଳନା କମିଟି ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ଉକ୍ତ ବିଦ୍ୟାଳୟରେ ତିନିଦିନ ଧରି ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା । ତେଣୁ ଆଜି ବିଦ୍ୟାଳୟ ପରିଚାଳନା କମିଟି ନିଷ୍ପତ୍ତି ନେଇ ବିଦ୍ୟାଳୟ ଫାଟକରେ ତାଲା ପକାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧିରେନ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଣଜିତ୍ ଭୋଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା ହୋଇସାରିଛି । କଦୋପଡ଼ା ବିଦ୍ୟାଳୟ ପରିଚାଳନା କମିଟି ସହିତ ଆଲୋଚନା କରି ସବୁ ସମସ୍ୟା ସମାଧାନ କରି ତାଲା ଖୋଲାଯିବ ବୋଲି ପ୍ରକାଶ କରିଥିଲେ ।

**ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ୍**

# ବଲାଙ୍ଗିରକୁ ହରାଇ ସେମିରେ ସମ୍ବଲପୁର



**ଦେବଗଡ଼, ୨୦।୧(ସମିସ):** ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲପଡ଼ିଆରେ ଚାଲିଥିବା ୧୬ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗ୍ରୁପ ମୁକାବିଲା ଆରମ୍ଭ ହୋଇଛି । ମ୍ୟାଚରେ ସମ୍ବଲପୁର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଓ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗିର ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ବଲାଙ୍ଗିରକୁ ୭୫ରନରେ ହରାଇ ସମ୍ବଲପୁର ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ଆଜି ବଲାଙ୍ଗିର ଦଳ ଟସ ଜିତି ସମ୍ବଲପୁର ଦଳକୁ ବ୍ୟାଟିଂର ଆମନ୍ତ୍ରଣ କରିଥିଲା । ସମ୍ବଲପୁର ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୮ୱିକେଟ ହରାଇ ୨୦୦ ରନର ବିଶାଳ ଲକ୍ଷ୍ୟ ଦେଇଥିଲା । ଦଳ ପକ୍ଷରୁ ଓପନର ଗୌରବ ବିସ୍ଫୋରକ ଇନିଂସ ଖେଳି ୨୭ବଲରେ ୪ଟି ଚୌକା, ୫ଟି ଛକା ସହ ୫୭ରନ କରିଥିଲେ । ଅଭିନାଷ ନନ୍ଦ ୧୮ଟି ବଲରେ ୪ଟି ଚୌକା ଏବଂ ୨ଟି ଛକ୍କା ସହ ୩୩ରନ ହାସଲ କରିଥିଲେ । ବଲାଙ୍ଗିର ପକ୍ଷରୁ ସାଗର, ବିଜୟ ଏବଂ ଓମ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ୨୦୧ରନର ଟାର୍ଗେଟ ନେଇ ଖେଳୁଥିବା ବଲାଙ୍ଗିର ୧୮.୧ ଓଭରରେ ଦଳର ସମସ୍ତ ୱିକେଟ ହରାଇ ୧୨୬ରନ ସଂଗ୍ରହ କରିପାରିଥିଲା । ଦଳ ପକ୍ଷରୁ ରାହୁଲ ଟୋପୋ ସର୍ବାଧିକ ୧୪ ବଲରେ ୨୯ରନ କରିଥିଲେ । ସମ୍ବଲପୁର ପକ୍ଷରୁ ଦୃତ ୫ଟି, ରାହୁଲ ୨ଟି, ନିଶିତ ୨ଟି ୱିକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ବୁଢ଼ାପାଳ ସମିତି ସଭ୍ୟ ତଥା ସମାଜସେବୀ ଲିଙ୍ଗରାଜ ସାହୁ ଯୋଗଦେଇ ସମ୍ବଲପୁର ଦଳର ୫ଟି ୱିକେଟ ହାସଲ କରିଥିବା ଦୃତ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚକୁ ଓସିଏ ଅମ୍ପାୟାର ପ୍ରଦୀପ ଦାସ ଓ ଏମଡି ଇଶାକ ପରିଚାଳନା କରିଥିଲେ । ନେତାଜୀ ଆସୋସିଏସନ କ୍ଲବର ଲୋସେନ ସାହୁ ଓ ଅମନ କୁଦେଇ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଦେବାଶିଷ ବିଶ୍ୱାଳ ଓ ତୁଗୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତାକାଲି(ମଙ୍ଗଳବାର) ଡେକାନ ଝାଡ଼ଖଣ୍ଡ ସହିତ ରକେଟ ଇଲେଭେନ ମୁମ୍ବାଇ ସହିତ ମ୍ୟାଚ ଅନୁଷ୍ଠିତ ହେବ ।

**● ବ୍ରଜରାଜନଗର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ**

# ଆତ୍ମସୁରକ୍ଷା କୌଶଳର ସଦୁପଯୋଗ ପାଇଁ ପରାମର୍ଶ



ବ୍ରଜରାଜନଗର, ୨୦।୧(ସମିସ): ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହେଇଥିବା ୮ ଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହେଇଯାଇଛି । ମହାବିଦ୍ୟାଳୟ ସେଲ୍‌ଫ ଡିଫେନ୍ସ ବିଭାଗ ସଂଯୋଜିକା ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକ ଯୋଗଦେଇଥିଲେ । ଉପସ୍ଥିତ ଛାତ୍ରୀମାନଙ୍କୁ ଏହି ତାଲିମର ସଦୁପଯୋଗ କରି ନିଜ ନିଜ ସୁରକ୍ଷା କରିବା ପାଇଁ ନିଜେ ସମର୍ଥ ହେବା ସହ ନିଜ ଆତ୍ମବିଶ୍ୱାସ ବଢ଼ାଇ ଜୀବନ ପଥରେ ନିର୍ଭୟ ହେଇ ଆଗଭର ହେବାକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ଓ ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ବିଜୟ କୁମାର ସାହୁ ଯୋଗଦେଇ ସମସ୍ତ ଛାତ୍ରୀ ଅନ୍ୟାୟ ଅତ୍ୟାଚାର ସହିବା ପରିବର୍ତ୍ତେ ଏହାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଆବଶ୍ୟକ ପଡ଼ିଲେ ଅତ୍ୟାଚାର ବିରୋଧ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । ସଭାକୁ ମହାବିଦ୍ୟାଳୟ ଆକାଉଣ୍ଟ ବର୍ଷର ଅଧ୍ୟାପକ ବିକାଶ ନାୟକ ସମ୍ମାନିତ ଅତିଥି ଭାବରେ ସମ୍ବୋଧିତ କରିଥିଲେ । ଅବସରରେ ତାଲିମ ଶିବିରରେ ତାଲିମ ପ୍ରଦାନ କରିଥିବା ମାଷ୍ଟର ଟ୍ରେନର ନିତୁ ମନହର ତଥା ନଗମା ମନହରଙ୍କ ପାଖରୁ ତାଲିମ ନେଇଥିବା ୧୦୮ ଜଣ ଛାତ୍ରୀଙ୍କୁ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସଭା ସଂଯୋଜନା ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ କରିଥିବା ବେଳେ ସେଲ୍‌ଫ ଡିଫେନ୍ସ ବିଭାଗ ସହ ସଂଯୋଜକ ଆଶିଷ ଅବସ୍ଥି, ଅଧ୍ୟାପିକା ସଙ୍ଗୀତା ସାହୁ, ଚାନ୍ଦିନୀ ବିଶ୍ୱାଳ, ଅଧ୍ୟାପକ ଏସ୍‌ଏସ୍ ପୃଷ୍ଟି, କ୍ରୀଡ଼ା ଶିକ୍ଷକ ସ୍ୱେତା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ । ସମାରୋହରେ ବରିଷ୍ଠ ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ଅଜୟଦୀପ, ସୁମିତ ତିର୍କି, ସେବାଶିଷ ପ୍ରଧାନ, ନାହ୍ନୁ ଗୋପାଳ ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ଥିଲେ ।

